

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୬ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 FEBRUARY 2021

Vol.No. 32 ■ No. 54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତ ଓ ପାକିସ୍ତାନ ମଧ୍ୟରେ ଡିଜିଏମଓ ସ୍ତରର କଥାବାର୍ତ୍ତା

ନୂଆଦିଲ୍ଲୀ,୨୫ା୦୨ (ନି.ପ୍ର): ଭାରତ ଏବଂ ପାକିସ୍ତାନ ମିଲିଟାରୀ ଅପରେସନ୍ସର ମହାନିର୍ଦ୍ଦେଶକମାନେ ହଟଲାଇନ ଯୋଗାଯୋଗର ଯାନ୍ତ୍ରିକ ଦିଗ ଉପରେ ଆଲୋଚନା କରିଥିଲେ । ଏକ ମୁକ୍ତ, ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ନିୟନ୍ତ୍ରଣ ରେଖା ଏବଂ ଅନ୍ୟ ସମସ୍ତ କ୍ଷେତ୍ରୀୟ ସ୍ଥିତିକୁ ଉଭୟ ପକ୍ଷ ସମୀକ୍ଷା କରିଥିଲେ । ସୀମାରେ ନିରନ୍ତର ଶାନ୍ତି ବଜାୟ ରଖିବା ଦିଗରେ ଦୁଇ ମିଲିଟାରୀ ଅପରେସନ୍ସର ମହାନିର୍ଦ୍ଦେଶକ ପରସ୍ପରର ମୂଳ ପ୍ରସଙ୍ଗ ଏବଂ ଚିନ୍ତାଧାରାକୁ ସମାଧାନ କରିବା ଲାଗି ସହମତ ହୋଇଥିଲେ । ସମସ୍ତ କ୍ଷେତ୍ରରେ ହୋଇଥିବା ଚୁକ୍ତିନାମା, ବୁଝାମଣା ଏବଂ ନିୟନ୍ତ୍ରଣ ରେଖାରେ ଗୁଳି ଚାଳନା ବନ୍ଦ କରିବା ଇତ୍ୟାଦିକୁ ୨୪/୨୫ ଫେବୃଆରୀ ୨୦୨୧ ମଧ୍ୟରାତ୍ରିରୁ ଦୃଢତାର ସହିତ ପାଳନ କରିବା ପାଇଁ ଉଭୟ ପକ୍ଷ ସହମତ ହୋଇଥିଲେ । କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଭୁଲ ବୁଝାମଣାର ସମାଧାନ ନିମନ୍ତେ ହଟଲାଇନ ଯୋଗାଯୋଗ ପାଇଁ ବର୍ତ୍ତମାନ ଥିବା କୌଶଳ ଏବଂ ବର୍ଡର ଫ୍ଲାଗ ବୈଠକ ବ୍ୟବହାର କରାଯିବ ବୋଲି ଉଭୟ ପକ୍ଷ ଦୋହରାଇଥିଲେ ।

## ମହିଳା ଓ ଶିଶୁ ବିକାଶ ବିଭାଗର ୫ଟି ଅନଲାଇନ୍ ସେବା ଲୋକାର୍ପିତ

ଭୁବନେଶ୍ୱର,୨୫ା୦୨ (ନି.ପ୍ର): ୫-ଟି ଉପକ୍ରମ ଅଧିନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ୫ ଗୋଟି ନୂଆ ଅନଲାଇନ ସେବା ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସେହି ୫ ଗୋଟି ସେବା ଗୁଡ଼ିକ ହେଲା (୧) ଇ-କଳିକା (୨) ମୋ ଛତୁଆ ଆପ୍ (୩) ଇ-ମାନଦେୟ ପୋର୍ଟାଲ (୪) ମମତା ଆପ୍ ଏବଂ (୫) ମୋ ଶିଶୁ ପୋର୍ଟାଲ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଗତ ୨୦ ବର୍ଷ ଧରି ମହିଳାମାନଙ୍କର ▶▶ପୃଷ୍ଠା ୭

## ଅଭାବନୀୟ ଘଟଣା : ନିଆଁ ଲାଗି ଯାଇଥିବା ଘରୁ ହାତଗୋଡ ବନ୍ଧା ଅବସ୍ଥାରେ କଲେଜ ଛାତ୍ରୀ ଉଦ୍ଧାର

କଟକ,୨୫ା୦୨ (ନି.ପ୍ର): କଟକ ମାନସିଂହପାଟଣା ଅଂଚଳରେ ଅଭାବନୀୟ ଘଟଣା । ନିଆଁ ଲାଗି ଯାଇଥିବା ଘରୁ ହାତଗୋଡ ବନ୍ଧା ଅବସ୍ଥାରେ କଲେଜ ଛାତ୍ରୀ ଉଦ୍ଧାର କରାଯାଇଛି । ଯୁବତୀଙ୍କୁ କଟକ ବଡ ମେଡିକାଲରେ ଭର୍ତି କରାଯାଇଛି । ଘଟଣା ସଂପର୍କରେ ଖବର ପାଇ ପୁଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି । ତେବେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ଆଉ ଘରେ କିରୋସିନ ଢାଳି ୪ ଜଣ ଯୁବକ ଏଭଳି କାଣ୍ଡ କରିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ତେବେ ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି । ତଦନ୍ତ ଶେଷ ହେବା ପରେ ପୂରା ଘଟଣା ସାମ୍ନାକୁ ଆସିବ ।

## ସୋସିଆଲ ମିଡିଆ ପାଇଁ ଆସିବ ଗାଇଡଲାଇନ

# ୨୪ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ ପୋଷ୍ଟ : ରବିଶଙ୍କର

ନୂଆଦିଲ୍ଲୀ,୨୫ା୦୨ (ନି.ପ୍ର): ସୋସିଆଲ ମିଡିଆ ପାଇଁ ଆସିବ ଗାଇଡଲାଇନ । ଓଟିଟି, ନ୍ୟୁଜ ପୋର୍ଟାଲ, ସୋସିଆଲ ନେଟୱାର୍କ ପାଇଁ ନୂଆ ନିୟମ । ନୂଆ ଗାଇଡଲାଇନ ଆଣିବେ କେନ୍ଦ୍ର ସରକାର । ୨୪ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ ପୋଷ୍ଟ । ସବୁ ମାସରେ ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ପଡିବ । ନୋଡାଲ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ପଡିବ । ଆଗାମୀ ୩ ମାସ ମଧ୍ୟରେ ଲାଗୁ ହେବ ଏହି ନୂଆ ନିୟମ । ସୋସିଆଲ ମିଡିଆକୁ ଭାରତରେ ସ୍ୱାଗତ । ସୋସିଆଲ ମିଡିଆ ଅପବ୍ୟବହାର ଗ୍ରହଣ ଯୋଗ୍ୟ ନୁହେଁ । ଆତଙ୍କବାଦୀ ମଧ୍ୟ ସୋସିଆଲ ମିଡିଆର ବ୍ୟବହାର କରୁଛନ୍ତି । ଘୃଣାର ପ୍ରସାରର ମାଧ୍ୟମ ସାଜିଛି ସୋସିଆଲ ମିଡିଆ । ମିଥ୍ୟା ଖବର ପ୍ରସାରଣ ହେଉଛି । ସୋସିଆଲ ମିଡିଆକୁ ହିଂସା, ଭାଷା, ଦୃଶ୍ୟ ଆଧାରରେ ବିଭାଗୀକରଣ କରାଯିବ । ୟୁ, ୟୁ-୭, ୟୁ-୧୩ ଆଧାରକୁ ନେଇ ବିଭାଗୀକରଣ ହେବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ରବିଶଙ୍କର । କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ସୂଚନା । ଓଟିଟି ପ୍ଲାଟଫର୍ମ ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା । ଡିଜିଟାଲ ପ୍ଲାଟଫର୍ମର ନିୟମ ପାଳନ କରିବାକୁ ହେବ । ଓଟିଟି ପ୍ଲାଟଫର୍ମର ଲୋକଙ୍କ ସହ କଥାବାର୍ତ୍ତା ହୋଇଛୁ । ସେଲଫ ରେଗୁଲେସନ ସପକ୍ଷରେ ଅଛନ୍ତି ସମସ୍ତେ । ଦର୍ଶକଙ୍କ ବୟସ ଅନୁସାରେ ବର୍ଗୀକରଣ କରାଯିବ ।



# ଆଜି ଭାରତ ବନ୍ଦ

ଭୁବନେଶ୍ୱର,୨୫ା୦୨ (ନି.ପ୍ର): ଆସନ୍ତା କାଲି ବ୍ୟବସାୟ ସଂଘ ପକ୍ଷରୁ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି । କଟକ ନଗର ବ୍ୟବସାୟୀ ମହାସଂଘ ଏହି ଭାରତ ବନ୍ଦକୁ ସମର୍ଥନ କରିବ ବୋଲି ଘୋଷଣା କରିଛି । ଜିଏସଟି ଜଟିଳତା ଦ୍ୱାରା ବ୍ୟବସାୟୀମାନେ ଆର୍ଥିକ ଓ ମାନସିକ ସ୍ତରରେ ଅତିଷ୍ଠ ହୋଇସାରିଲେଣି । ତା ଛଡ଼ା ଜିଏସଟି ଆଇନ ଯୋଗୁଁ ବ୍ୟବସାୟ କରିବା ମୁସ୍କିଲ ହୋଇପଡ଼ିଲାଣି ବୋଲି ମହାସଂଘ କହିଛି । କଟକ ମାଲଗୋଦାମ ବଣିକ ସଂଘ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ ମହାସଂଘ ବନ୍ଦ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି କଟକ ବ୍ୟବସାୟୀ ସଂଘ । ଜିଏସଟି, ବର୍ଦ୍ଧିତ ତୈଳ ଦର ଓ ଇ-ୱେ ବିଲ୍ ଭଳି ଏକାଧିକ ପ୍ରସଙ୍ଗ ବିରୋଧରେ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦର ଡାକରା ଦିଆଯାଇଛି। Confederation of All India Tradersର ଏହି ବନ୍ଦ ଡାକରାକୁ ଦେଶରେ ଥିବା ୪୦ ହଜାର ଟ୍ରେଡ୍ ଆସୋସିଏସନ ସମର୍ଥନ ଘୋଷଣା କରିଛନ୍ତି। ଏହାବାଦ ସର୍ବଭାରତୀୟ ପରିବହନ କଲ୍ୟାଣ ଆସୋସିଏସନ ମଧ୍ୟ ବନ୍ଦରେ ସାମିଲ ହେବ। ସେମାନେ ସମଗ୍ର ଦେଶରେ ଚକା ଜାମ କରିବେ। ଏହାର ଅର୍ଥ ଆସନ୍ତାକାଲି ଗାଡ଼ି ମୋଟର ମଧ୍ୟ ଚାଲିବ ନାହିଁ। ସେହିପରି ଦୋକାନ ବଜାର ମଧ୍ୟ ଖୋଲିବ ନାହିଁ। ଉଭୟ ସଂଗଠନ ଇ-ୱେ ବିଲ୍‌କୁ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି। ସେହିପରି ଦେଶରେ ତୈଳ ଦର ଉପରେ ଲାଗୁଥିବା ଟିକସ୍‌କୁ ହଟାଯାଉ ବୋଲି ପ୍ରସ୍ତାବ ରଖିଛନ୍ତି। ଜିଏସଟିରେ ଥିବା ବିଭିନ୍ନ ବ୍ୟବସ୍ଥା ଦ୍ୱାରା ବ୍ୟବସାୟୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଟ୍ରେଡ ୟୁନିୟନ ଆସନ୍ତାକାଲି ସମଗ୍ର ଦେଶରେ ବନ୍ଦ ପାଳନ କରିବ ବୋଲି କହିଛି।



## କଂଗ୍ରେସ ଭବନ ପାଲଟିଲା ରଣକ୍ଷେତ୍ର : ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୨୫ା୦୨ (ନି.ପ୍ର): ଆଜି କଂଗ୍ରେସ ଭବନରେ ଦୁଇ ଗୋଷ୍ଠୀ ହାତାହାତି ହୋଇଯାଇଛନ୍ତି । ଓବିସି ସେଲ ଅଧ୍ୟକ୍ଷ ବିଷ୍ଣୁ ବାରିକ ଏବଂ ଚିରଞ୍ଜିବୀ ବିଶ୍ୱାଳଙ୍କ ସମର୍ଥକଙ୍କ ମଧ୍ୟରେ ମାରପିଟ ହୋଇଛି । ସ୍ଥିତିକୁ ସମ୍ଭାଳିବାକୁ ବରିଷ୍ଠ କଂଗ୍ରେସ ବିଧାୟକ ସୁର ରାଉତରାୟ ଚେଷ୍ଟା କରିଥିଲେ ମଧ୍ୟ କିଛି ଲାଭ ହେଲାନି । ବଡ କଥା ହେଲା ପିସିସି ସଭାପତିଙ୍କ ଉପସ୍ଥିତିରେ ଏସବୁ କିଛି ଚାଲିଥିଲା । ପିସିସି ସଭାପତି ଉଭୟ ଗୋଷ୍ଠୀଙ୍କୁ ଡାକି ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମାଧାନର ରାସ୍ତା ବାହାରିପାରିନଥିଲା । ଦେଖନ୍ତୁ ଆଜି କଂଗ୍ରେସ ଭବନରେ କେମିତି ଥିଲା ଦୃଶ୍ୟ । କଂଗ୍ରେସ ଭବନରେ ମାରପିଟର ଏହି ଦୃଶ୍ୟ କହୁଛି, ପ୍ରଦେଶ କଂଗ୍ରେସରେ କିଛି ଠିକ ଚାଲିନି । କର୍ମୀଙ୍କ ଭିତରେ କିପରି ଅସନ୍ତୋଷ ରହିଛି ତାହା ଏହି ଦୃଶ୍ୟରୁ ସ୍ପଷ୍ଟ ବାରିହୋଇପଡୁଛି । ଉପରୁ ସଜଡାଯାଉଥିବାର କଥା କୁହାଯାଉଥିଲେ ମଧ୍ୟ ଭିତରେ ପୁରା ଓଲଟା ସ୍ଥିତି । ଆଜି କଂଗ୍ରେସର ଓବିସି ସେଲ ଅଧ୍ୟକ୍ଷ ବିଷ୍ଣୁ ବାରିକଙ୍କ ଅଧ୍ୟକ୍ଷତାରେ ଓବିସି ସେଲର ବୈଠକ ବସିବାର ଥିଲା । ▶▶ପୃଷ୍ଠା ୭



## ଦେଶରେ ବଢୁଛି କରୋନା ମିଟର, ୨୪ ଘଣ୍ଟାରେ ୧୬ ହଜାର ୭ଶହରୁ ଅଧିକ ମାମଲା

ନୂଆଦିଲ୍ଲୀ,୨୫ା୦୨ (ନି.ପ୍ର): ଓଡିଶାରେ ଆଜି ହଠାତ କରୋନା ପଜିଟିଭଙ୍କ ସଂଖ୍ୟା ବଢିଯାଇଛି । ଗତ କିଛିଦିନ ହେଲା ଓଡ଼ିଶାରେ ସ୍ଥିତି ନିୟନ୍ତ୍ରଣ ଥିଲେ ବି ଗତ ୨୪ ଘଣ୍ଟାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟାରେ କିଛିଟା ବୃଦ୍ଧି ପାଇଛି । ୨୪ ତାରିଖରେ ୮୯ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେପଟେ ମହାରାଷ୍ଟ୍ରରେ ପୁଣି ଥରେ କାୟା ମେଲାଉଛି ମହାମାରୀ କରୋନା । ମୁମ୍ବାଇ ଓ ପୁନେ ▶▶ପୃଷ୍ଠା ୭

## ମଥୁରାରେ ଦିବ୍ୟାଙ୍ଗ ବିଦ୍ୟାଳୟ 'ବୈଶିଷ୍ଟ୍ୟମ'ର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ମଥୁରା/ନୂଆଦିଲ୍ଲୀ,୨୫ା୦୨ (ନି.ପ୍ର): ସାଧ୍ୱୀ ରିତମ୍ଭରାଜୀଙ୍କ ବାତ୍ସଲ୍ୟଗ୍ରାମ ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ଦାୟିତ୍ୱ ଓ ଆତ୍ମୀୟତାର ପରିଚୟ ଦେଇଛି ବୋଲି ଗୁରୁବାର ମଥୁରା ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମାଣ ହେବାକୁ ଥିବା ବିଦ୍ୟାଳୟ 'ବୈଶିଷ୍ଟ୍ୟମ'ର ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ନିକଟରେ ଶ୍ରୀରାମ ମନ୍ଦିର ଭିତିପ୍ରସ୍ତର ସମୟରେ ପୂଜ୍ୟ ସରସଂଘଚାଳକଙ୍କ ଦ୍ୱାରା ସମାଜକୁ ରାମମୟ ଅଯୋଧ୍ୟା କରିବା ବିଷୟରେ କହିଥିଲେ । ସେହିପରି ଭାବରେ ସାଧ୍ୱୀ ରିତମ୍ଭରାଙ୍କ ବାତ୍ସଲ୍ୟଗ୍ରାମ ଭାରତର ପୌରାଣିକ ସଂସ୍କୃତି, ସଭ୍ୟତାର ଅନୁସରଣ କରିବା ସହ ରାମମୟ ସମାଜର ଏକ ଦୃଷ୍ଟାନ୍ତ ▶▶ପୃଷ୍ଠା ୭



# ଭାରତ ଫେରିବେ ପଳାତକ ନୀରବ ମୋଦି

## ନୀରବଙ୍କ ଯାଚିକା ଖାରଜ, ପ୍ରତ୍ୟାର୍ପଣ ନେଇ ମଞ୍ଜୁରୀ ପ୍ରଦାନ କଲା ଲଣ୍ଡନ କୋର୍ଟ

ନୂଆଦିଲ୍ଲୀ,୨୫ା୦୨ (ନି.ପ୍ର): ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପ୍ରତ୍ୟାର୍ପଣ ନେଇ ଆଜି ଲଣ୍ଡନ କୋର୍ଟ ମୁଞ୍ଜୁରୀ ପ୍ରଦାନ କରିଛନ୍ତି । ମାମଲାରୁ ଶୁଣାଣି କରି କୋର୍ଟ କହିଛନ୍ତି କି ଭାରତ ସରକାରଙ୍କ ଦ୍ୱାରା ପଠାଯାଇଥିବା ସମସ୍ତ ସାକ୍ଷୀଙ୍କୁ ସ୍ୱୀକାର କରାଯାଇଛି । 'ମୁଁ ଏହି କଥାରେ ସନ୍ତୁଷ୍ଟ ଅଛି କି ଏହି ପ୍ରମାଣ ଆଧାରରେ ନୀରବ ମୋଦିଙ୍କୁ ଦୋଷୀ ଭାବେ ଗ୍ରହଣ କରାଯିବ' ଶୁଣାଣି କରୁଥିବା ଜଜ୍ ସାମୁଏଲ ଗୋଜୀ କହିଛନ୍ତି କି ଏହା ସ୍ପଷ୍ଟ ହୋଇଛି ଯେ ଭାରତ ତରଫରୁ ପଚରା ଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ନୀରବ ମୋଦିଙ୍କୁ ଦେବାକୁ ପଡିବ । ଏହାସହ ନୀରବ ମୋଦିଙ୍କ ଦ୍ୱାରା କୋର୍ଟରେ ଦିଆଯାଇଥିବା ପ୍ରମାଣର ▶▶ପୃଷ୍ଠା ୭



## ୫ଜଣ ବଧୂ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାଲେଶ୍ୱର,୨୫ା୦୨ (ନି.ପ୍ର): ବଧୂହତ୍ୟା ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଅତିରିକ୍ତ ଦୌରାଜଜ ସୁବାସ ବିହାରୀ ଅଭିଯୁକ୍ତ ସ୍ୱାମୀ, ଶ୍ୱଶୁର, ଶାଶୂ, ଦିଅର ସମେତ ୫ ଜଣଙ୍କୁ ଦୋଷ ସାବ୍ୟସ୍ତ ସହ ଦର୍ଣ୍ଡାଦେଶ ଦେଇଛନ୍ତି। ରାୟରେ ସମସ୍ତଙ୍କୁ ଅଜୀବନ କାରାଦଣ୍ଡ ଓ ୩ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲେଖ ରହିଛି। ଘଟଣାଟି ଥିଲା ୨୦୧୪ ମସିହା ୨୨ ତାରିଖର। ସିଂଲା ଥାନା ଅନ୍ତର୍ଗତ ପଥଦୁର୍ଗା ଗ୍ରାମର ମନ୍ଦାକିନୀ ଜେନାଙ୍କୁ ଅଧିକ ଯୌତୁକ ଦାବି କରି ଶ୍ୱଶୁରଘର ଲୋକେ ପୋଡ଼ି ମାରି ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଅର୍ଦ୍ଧଦଗ୍ଧ ଅବସ୍ଥାରେ ପ୍ରାୟ ଗୋଟିଏ ମାସ ଚିକିତ୍ସିତ ରହିବା ମଧ୍ୟରେ ମନ୍ଦାକିନୀ ମୃତ୍ୟୁବରଣ କରିଥିଲେ। ମନ୍ଦାକିନୀଙ୍କ ବାପଘର ଲୋକଙ୍କ ଅଭିଯୋଗ କ୍ରମେ ସିଂଲା ପୁଲିସ ୧୬୯/୧୪ ନଂରେ ମାମଲା ରୁଜୁ ସହ ଦେବେନ୍ଦ୍ର ଜେନା, ଚିତ୍ତରଂଜନ ଜେନା, ସୁବଳ ଜେନା, ସଂଧ୍ୟାରରାଣୀ ଜେନା, ଓ ସୌମ୍ୟା ଜେନାଙ୍କୁ ଗିରଫ କରିଥିଲା। ଏହି ମାମଲାର ସମସ୍ତ ସାକ୍ଷୀଙ୍କ ବୟାନ ଓ ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ ସୁବାସ ବିହାରୀ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ସହ ଆଜୀବନ ସଶ୍ରମ କାରାଦଣ୍ଡ ଓ ଜରିମାନା ଆଦେଶ ଦେଇଛନ୍ତି।

# 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର,୨୫ା୦୨ (ନି.ପ୍ର): ବାଲେଶ୍ୱରରୁ ନିୟମିତ ଭାବେ ପ୍ରକାଶିତ ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହ-୨୦୨୧ ବୁଧବାର ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନ (ସୂଚନା ଭବନ) ଠାରେ ଶ୍ରୀମତୀ ମମତା ମହାପାତ୍ର, ସମ୍ପାଦିକା, 'ଯୁଗଶ୍ରୀ ଯୁଗନାରୀ'ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ-ସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ପ୍ରଦାନ କରିଥିବା ବେଳେ ମଂଚ ଆହ୍ୱାନ କରିଥିଲେ ସୁଶ୍ରୀ ଗୀତାଞ୍ଜଳି ସିଂହ । ସଂଯୋଜନା କରିଥିଲେ ସୁଶ୍ରୀ ଦୀପ୍ତି ଦାଶ । ଯୁଗଶ୍ରୀ ଯୁଗନାରୀ ପରିବାରର ଡ. ସୁଷମା ମିଶ୍ର, ଡ. ମୀନାକ୍ଷୀ ପଣ୍ଡା, ଡ. ଗାୟତ୍ରୀ କର, ଅଧ୍ୟାପକ କମଳାକାନ୍ତ ଦାଶ, ମୀନତି ଦାସ, ମିହିର ପ୍ରଧାନ, ବସନ୍ତ ପ୍ରଧାନ ସଭା ପରିଚାଳନାରେ ସହାୟତା କରିଥିବା ବେଳେ ଏହି ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହରେ ୨୦୨୧ ମସିହା ପାଇଁ ବିଶିଷ୍ଟ କବୀ ଓ ସୁସାହିତ୍ୟିକା ଶ୍ରୀମତୀ ମମତା ଦାଶଙ୍କୁ ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ, ଡାକ୍ତର ସେବା ମହାପାତ୍ରଙ୍କୁ ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ, ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ମାସିକ ସାଗରିକାର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁଙ୍କୁ ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ସଂପାଦିକା ସମ୍ମାନ ଓ ଯୁଗଶ୍ରୀ ଯୁଗନାରୀ ପରିବେଶ ସୁରକ୍ଷା ସମ୍ମାନରେ 'ନାଲକୋ', ଭୁବନେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଫେବୃଆରୀ ୨୦୨୧ ସଂଖ୍ୟା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନନୀୟ ମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର, ଯୋଗ ଦେଇ କହିଲେ ଯେ, ମହିଳାମାନେ କେତେ କ୍ଷେତ୍ରରେ ପୁରୁଷମାନଙ୍କ ଠାରୁ ଅଧିକ ସଶକ୍ତ। ଆଧୁନିକ କାରିଗରୀ ବିଜ୍ଞାନକୁ ଆପଣାଇବା ସହ ଆପାଣାର ସଂସ୍କୃତି ଓ ଐତିହ୍ୟକୁ ସଂସ୍କୃତି ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଅଧୁନା ବିଶ୍ୱସ୍ତରୀୟ କରାଯିବାକୁ ଚେଷ୍ଟା ଚାଲିଛି। ଉଦ୍‌ଘାଟକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ସୁସାହିତ୍ୟିକ ଓ ଔପନ୍ୟାସିକ ଯୋଗଦେଇ କହିଲେ ଯେ, ▶▶ପୃଷ୍ଠା ୭



## ବିବାହ ବନ୍ଧନରେ କ୍ରୀଡା ମନ୍ତ୍ରୀ



ଭୁବନେଶ୍ୱର,୨୫ା୦୨ (ନି.ପ୍ର): ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ରାଜ୍ୟ କ୍ରୀଡା , ଯୁବସେବା ବ୍ୟାପାର , ଇଲେକ୍ଟ୍ରୋନିକସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା। ଗୁରୁବାର ଦିନ କାକଟପୁର ସ୍ଥିତ ଦେଉଳିମଠ ଠାରେ ନନ୍ଦିନୀଙ୍କ ସହ ତାଙ୍କର ବିବାହ ରୀତି ସମ୍ପନ୍ନ ହୋଇଛି। ଏସମ୍ପର୍କରେ ମନ୍ତ୍ରୀ ଶ୍ରୀ ବେହେରା ଟୁଇଟ କରି ସୂଚନା ଦେବା ସହ ଗୁରୁଜନ ବୃନ୍ଦଙ୍କ ଆଶୀର୍ବାଦ ଓ ଶୁଭକାମନା କାମନା କରିଛନ୍ତି। ବିବାହର ଫଟୋ ମଧ୍ୟ ମନ୍ତ୍ରୀ ଟୁଇଟ୍ କରିଛନ୍ତି।

# ମୋ ସ୍କୁଲ ଅଭିଯାନ ସଫଳତାରେ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ

## ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଶୌଚାଳୟ ଉଦ୍‌ଘାଟିତ



ବାଲେଶ୍ୱର,୨୫।୨ (ନି.ପ୍ର): 'ମୋ ସ୍କୁଲ ଅଭିଯାନ' ସହାୟତାରେ ବାଲେଶ୍ୱର ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବ ନିର୍ମିତ ଶୌଚାଳୟ ବୁଧବାର ଉଦଘାଟିତ ହୋଇଯାଇଛି । ଅୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟର ବିଦ୍ୟାଳୟ ଭିତ୍ତିଭୂମି ବିକାଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ମୋ ସ୍କୁଲ ଅଭିଯାନ' ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ । ଏହି ଯୋଜନାରେ ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତାର ତିନିଗୁଣ ଅର୍ଥ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ତେବେ ସେମାନେ ପଢ଼ିଥିବା ବିଦ୍ୟାଳୟକୁ ପୁରାତନ ଛାତ୍ରଛାତ୍ରୀମାନେ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ ବିଦ୍ୟାଳୟର ଆହୁରି ଆଶାତୀତ ଉନ୍ନତି ହୋଇପାରିବ ସମ୍ଭବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ସନ୍ଦୀପ କୁମାର ଖଟୁଆ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ କବି ପ୍ରଶାନ୍ତ ଦାସ, 'ସମାଜ' ବାଲେଶ୍ୱର ସଂସ୍କରଣ ପରିଚାଳନା ମୁଖ୍ୟ ମଧୁସୂଦନ ଦାସ, ଅକ୍ଷୟ କିଶୋର ଦାସ ଓ ମହେଶ୍ୱର ବଳ, ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତିରେ ୧୯୯୫ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ଭଳି ଯୋଜନା ବିଦ୍ୟାଳୟ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ପର୍କ ରକ୍ଷାର ସେତୁ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ୧୯୯୫ ବ୍ୟାଚ ପୁରାତନ ଛାତ୍ର ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନକୁ ଦିଆ ଯାଇଥିବା ୨୦ ହଜାର ଟଙ୍କା ସରକାରୀ ପ୍ରଦତ୍ତ ୩ ଗୁଣ ଅର୍ଥରେ ଏହି ନୂତନ ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ସେ କହିଥିଲେ । ପବ୍ଲିକ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀମଣି ସାହୁ ଏହି କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନୂତନ ପୋଷାକ ବଣ୍ଟନ କରାଯାଇଥିଲା । ବଟକୃଷ୍ଣ ମିଶ୍ର ଏହି କାର୍ଯ୍ୟକମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମୂଲ୍ୟ କୁମାର ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମୟୂରଭଂଜ ପ୍ରିମିୟର ଲିଗ୍ କ୍ରିକେଟ୍ ୨ୟ ପର୍ଯ୍ୟାୟର ୨ୟ ଦିନର ଖେଳ

ବାରିପଦା,୨୫।୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆଠାରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ମୟୂରଭଂଜ ପ୍ରିମିୟର ଲିଗ୍ କ୍ରିକେଟ୍ ମାନନୀୟା ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ଙ୍କ କରକମଳରେ ସୁଭାରମ୍ଭ ହୋଇଯାଇଛି । ଏହି ପର୍ଯ୍ୟାୟରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ଦିତୀୟ ଦିନରେ ୩ ଗୋଟି ମ୍ୟାଚ୍ ଅନୁଷ୍ଠିତ ହେଇଅଛି । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ମୋରଡ଼ା ବିଧାୟକ ଶ୍ରୀଯୁକ୍ତ ରାଜକିଶର ଦାସ, ବଡ଼ସାହି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଓଡ଼ିଶା ଉଠାଜଳ ସେଚନ ନିଗମର ଅଧକ୍ଷ ଶ୍ରୀ ଅମ୍ରେସ ପତ୍ରୀ, ଓଡ଼ିଶା ଖଦିବର୍ଡ଼ର ସଦସ୍ୟ ସରୋଜ କୁମାର ବୋଷ, ଉଦଳା ବିଜ୍ଞାପିତ ପରିଷଦର ସଭାପତି ଅନିଲ ମହାପାତ୍ର, ମୟୁରଭଂଜ ଯୁବଜନତା ଦଳ ସଭାପତି ଅରୁଣ ବରାଡ଼, ଛାତ୍ର ଜନତା ସଭାପତି ସୁନିଲ ନାଏକ, ନାରାୟଣ ପଟ୍ଟନାୟକ, କାମିନିକାନ୍ତ ପରିଡ଼ା, ସରଜ ସତପଥୀ, ପ୍ରକାଶ ପାତ୍ର, ପ୍ରତିକ ଦାଷ, ଅଭିନାଷ ବେହେରା, ପଙ୍କଜ ବେହେରା, ଶରତ ମୁର୍ମୁ, ଆଦିତ୍ୟ ଭଦେଓ, ମୋନିକା ବେହେରା, ରବିଶଙ୍କର ଦାସ, ଦିପକ ମୁଡୁଆଳ, ଭବାନିଶଙ୍କର ଧଡ଼ା, ବିକାଶ ବାରିକ, ଅକ୍ଷୟ ସିଂ, ରବିନ୍ଦ୍ର ମହାନ୍ତି, ସିବ ପରିଡ଼ା, ଦୀପକ ସାହୁ , ବିଶ୍ୱରନ ମହାନ୍ତ, ରିଙ୍କୁ ଦାସ, ରାକେଶ ମହାପାତ୍ର, ଦିଲିପ ଚଉଧୁରି, ପ୍ରମୁଖ ଉପସ୍ଥିତ ଥିଲେ । ଆଜିକାର ପ୍ରଥମ ଖେଳ ରାସଗବିନ୍ଦପୁର ବନାମ୍ ବଡ଼ସାହି ବ୍ଲକ ମଧରେ ହୋଇଥିଲା । ବଡ଼ସାହି ପ୍ରଥମେ ବ୍ୟାଟିଂ କରି ନିର୍ଧାରିତ ୧୦ଅଭରରେ ୯ଉଇକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରିଥିବା ବେଳେ ରାସଗବିନ୍ଦପୁର ୭.୩ ଅଭରରେ ୧୦ ଉଇକେଟ୍ ହରାଇ ୫୩ ରନ୍ କରି ୫୨ ରନ୍ ରେ ମ୍ୟାଚ ଟିକୁ ବଡ଼ସାହି ଜିତି ନେଇଥିଲା । ୨ୟ ମ୍ୟାଚ ଟି ଶୁଳିଆପଦା ବାନମ କୁଳିଅଣା ବ୍ଲକ ମଧରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ କୁଳିଅଣା ୧୦ ଉଇକେଟ୍ ହରାଇ ୯୬ ରନ୍ ସଂଗ୍ରହ କରିଥିବା ବେଳେ ଶୁଳିଆପଦା ୭ ଉଇକେଟ୍ ହରାଇ ମ୍ୟାଚ୍ ବିଜୟ ହୋଇଥିଲା । ୩ୟ ମ୍ୟାଚ ଟି ଶୁଳିଆପଦା ବନାମ ବଡ଼ସାହି ବ୍ଲକ ମଧରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ବଡ଼ସାହି ନିର୍ଧାରିତ ୧୦ ଅଭରରେ ୬ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା ଜବାବରେ ଶୁଳିଆପଦା ବ୍ଲକ ୩ ଉଇକେଟ୍ ହରାଇ ୧୦୮ ରୋନ ସଂଗ୍ରହ କରିଥିଲା । ଏହି ମ୍ୟଚଟିକୁ ବଡ଼ସାହି ବ୍ଲକ ୧୪ ରନ ରେ ବିଜୟ ହଇଥିଲା । ଆଜିକାର ଖେଳକୁ ପରିଗ୍ଳନା କରିଥିଲେ ଓ.ସି.ଏ. ପେନାଲ ଏମ୍ପୟାର ଦୀର୍ଲ୍ଲିପ କୁମାର ଦାସ, ଅସିତ ପାଲ୍, କୃଷ୍ଣନିଧି ଦେ, ଧନୟ ତ୍ରିପାଠୀ, ସ୍କରର ଥିଲେ ଦୀପକ ରାଉତ୍ ଏବଂ ଅକ୍ଷୟ ପରମାଣିକ୍ ତତ୍‌ସହିତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ବାଞ୍ଚାନିଧି ଦେ ଏବଂ ପଙ୍କଜ ମହାକୁଡ଼ ।

# ପ୍ରଧାନମନ୍ତ୍ରୀ ଆବସ ଯୋଜନା ଆବେଦନ ତାରିଖ ସମ୍ପ୍ରସାରଣ ହେଉ !

ଜଳେଶ୍ୱର ,୨୫।୨ (ନି.ପ୍ର): ଗ୍ରାମାଂଚଳ ପରେ ସହରାଞ୍ଚଳ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ଆରମ୍ଭ ହୋଇଛି । ୨୦୧୯ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଏହି ଯୋଜନାର ଆବେଦନ କରିବା ସମୟସୀମା ଥିବା ବେଳେ ହଠାତ୍ ରାଜ୍ୟ ନଗର ଉନ୍ନୟନ ବିଭାଗ ଆବେଦନ ତାରିଖ ଚଳିତ ଫେବୃଆରୀ ୨୫ ତାରିଖ ଧାର୍ଯ୍ୟ କରିଛନ୍ତି । ଫଳରେ ୨/୩ ଦିନ ପୂର୍ବରୁ ଏ ସଂପର୍କରେ ପୌରାଞ୍ଚଳରେ ମାଇକ୍‌ଯୋଗେ ପ୍ରଚାର କରାଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା । ଆସନ୍ତା ୨୫ ତାରିଖ ଆବେଦନର ଶେଷ ତାରିଖ ଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ଆବେଦନ ଲାଗି ବିଭିନ୍ନ ନଥିପତ୍ର ଯୋଗାଡରେ ବ୍ୟସ୍ତ ରହିଥିଲେ ମଧ୍ୟ ସାରିପାରି ନାହାନ୍ତି । ଲିଗାଲ ହେୟାର, ଏଫିଡେଫିଟ୍, ଖଜଣା ପୈଠ ଇତ୍ୟାଦିର ପ୍ରମାଣ ପତ୍ର ଦେବାକୁ ଥିବାରୁ ଆବେଦନରେ ବିଳମ୍ବ ହେଉଥିବରୁ ଆଜି ଜନସାଧାରଣଙ୍କ ପକ୍ଷରୁ ଜଳେଶ୍ୱର ମ୍ୟୁନିସିପାଲଟିର ୧୭ନଂ ୱାର୍ଡର ପୂର୍ବତନ ୱାର୍ଡ କାଉନସିଲର ହରିଶ୍ଚନ୍ଦ୍ର ପ୍ରଧାନ ଓ ଉତ୍ତମ ଦାସ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଏହି ଶେଷ ତାରିଖକୁ ମାର୍ଚ୍ଚ ୧୦ ତାରିଖକୁ ସମ୍ପ୍ରସାରଣ କରିବାକୁ ସେମାନେ ଦାବି କରିଛନ୍ତି । ଫଳରେ ବହୁ ଯୋଗ୍ୟହିତାଧିକାରୀ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଛି ।

# ପ୍ରଖ୍ୟାତ ଚିକିତ୍ସକ ସ୍ୱର୍ଗତ ଡା. ଅନିଲ ବେହେରାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି




ଭଦ୍ରକ,୨୫।୨ (ନି.ପ୍ର): ଭଦ୍ରକ ମୁଖ୍ୟ ଡାକ୍ତରଖାନା ସଭାଗୃହରେ ଭାରତୀୟ ଚିକିତ୍ସକ ସଂଘ ତଥା ଭଦ୍ରକ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହଯୋଗରେ ଭଦ୍ରକ ତଥା ଓଡ଼ିଶାର ଖ୍ୟାତନାମା ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱର୍ଗତ ଅନିଲ ବେହେରାଙ୍କ ବିୟୋଗ ଜନିତ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଚିକିତ୍ସକ ସଂଘର ଜିଲ୍ଲା ସଭାପତି ଡା. ରବିନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତମାନେ ଦିବଂଗତଙ୍କ ଫଟୋଚିତ୍ରରେ ପୁଷ୍ପାମାଲ୍ୟ ଅର୍ପଣ କରିଥିଲେ । ସମସ୍ତେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିବା ପରେ ଡାକ୍ତର ବେହେରାଙ୍କ ଆଦର୍ଶ, କର୍ତ୍ତବ୍ୟପରାୟଣତା, ସହିଷ୍ଣୁତା, ଉଦାର ମନୋଭାବର ଗୁଣାବଳୀ ଆଲୋଚନା କରିଥିଲେ । ସଂଘର ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ସ୍ୱର୍ଗତ ବେହେରା ଭଦ୍ରକ ଆର୍ଟ କଲେଜରେ ୧୯୯୧-୨୦୧୧ ପର୍ଯ୍ୟନ୍ତ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇବା ସମୟରେ କଲେଜର ବହୁବିଧ ଉନ୍ନତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁରଲୀ ପାଢୀ, ଡାକ୍ତର ଦୁର୍ଯ୍ୟୋଧନ ଦାସ ପ୍ରମୁଖ ମଞ୍ଚାସିନ ହୋଇ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଭଗବାନ ଦିକ୍ଷିତ, ଡା. ଶିବାଶିଷ ମହାରଣା, ଡା. ପ୍ରଭାସ ମହାନ୍ତି, ଡ. ଆର୍ଯ୍ୟନାରାୟଣ ମିଶ୍ର, ଡା. ଗୌରଚନ୍ଦ୍ର ଜେନା, ଡା. ଶତୃଘ୍ନ ହାତୀ, ଡା.ବସନ୍ତ କୁମାର ସାହୁ, ଡା. ଡି.ଏମ୍. ପଣ୍ଡା, ଡା. ମୀନକେତନ ମହାନ୍ତି, ଡା. ଦୀପକ ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିବା ବେଳେ ମେଡ଼ିକାଲ କର୍ମଚାରୀ ରମେଶ ସ୍ୱାଇଁ ସ୍ୱର୍ଗତ ବେହେରାଙ୍କ ଉପରେ ଆଧାରିତ ଏକ କବିତା ଆବୃତି କରିଥିଲେ । ଏହି ସଭାରେ ମେଡ଼ିକାଲର ବହୁ କର୍ମଚାରୀ ଯୋଗ ଦେଇଥିଲେ ।

# ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ବାଙ୍ଗଲା ଶରଣାର୍ଥୀ

କେନ୍ଦ୍ରାପଡ଼ା,୨୫।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଠାରେ ରହୁଥିବା ବାଙ୍ଗଲା ଶରଣାର୍ଥୀ ମାନେ ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି । ୧୯୫୧ ମସିହାରୁ ଏଠାରେ ରହି ବସବାସ କରୁଥିବା ଏହି ଶରଣାର୍ଥୀ ମାନଙ୍କୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପଟ୍ଟା ମିଳୁ ନଥିବାରୁ ଏମାନଙ୍କର ପରିବାର ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଛି । ଓଡିଶା ସରକାର ଉକ୍ତ ସମୟରେ ଏହି ଶରଣାର୍ଥୀ ମାନଙ୍କୁ ୨ ହଜାର ଏକର ଜମି ଆବଣ୍ଟନ କରିଥିଲେ । ସେ ସମୟରେ ପରିବାର ପିଛା ବୟସ୍କ ଲୋକଙ୍କୁ ୧ ଏକର ଓ ପିଲାଙ୍କୁ ଅଧ ଏକର ଜମି ହିସାବରେ ଜମି ଆବଣ୍ଟନ କରାଯାଇ ଥିଲା । ଏହି ଜମି ଆବଣ୍ଟନ ସମୟରେ ମିଳିଥିବା ପଟ୍ଟାରେ ଶାରଦ-୧,ଶାରଦ-୨ ବୋଲି ଉଲ୍ଲେଖ ଥିବାବେଳେ ବର୍ତ୍ତମାନ ତାହା କିସମ ପରିବର୍ତ୍ତନ କରାଯାଇ ଜଙ୍ଗଲ ଜମି ବୋଲି ଉଲ୍ଲେଖ କରାଯାଇଛି । ଦୀର୍ଘବର୍ଷ ହେଲା ଏହି ଶରଣାର୍ଥୀ ମାନେ ଆଇନରେ ପେଶି ହେଉଥିବା ବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ଦୀର୍ଘ ୭୦ ବର୍ଷ ପରେ ମଧ ଏମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଶାସନ ପକ୍ଷରୁ ବଣ୍ଟନ କରାଯାଇ ନାହିଁ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଚାଲିଥିବା କେସ ନଂ-ଡଚଡ ୧୯୨୩/୧୯ ଏବଂ ଜିଲ୍ଲାପାଳଙ୍କ କୋର୍ଟରେ ୩୬/୧୯ରେ ମାମଲା ଚାଲୁ ରହିଛି । ତତ୍‌କାଳୀନ ଜିଲ୍ଲାପାଳ ଏନେଇ ରାଜନଗର ବନ ଅଧିକାରୀ ଓ ମହାକାଳପଡା ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜନଗର ଡିଏଫ୍‌ଓ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ବେଳେ ପ୍ରାୟ ୨ବର୍ଷ ହେବ ତହସିଲଦାର ଏପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରୁ ନାହାଁନ୍ତି । ଯାହା ଫଳରେ ମାମଲାଟି ଏପର୍ଯ୍ୟନ୍ତ ଚାଲୁ ରହିଛି । ଏହି ଶରଣାର୍ଥୀ ମାନଙ୍କୁ ମିଳିଥିବା ପଟ୍ଟାରେ ଉଲ୍ଲେଖ ଥିବା ଶାରଦ ୧ଓ ୨କୁ ତାହା କିଭଳି ପରିବର୍ତ୍ତନ କରାଯାଇ ଜଙ୍ଗଲ ଜମି ଉଲ୍ଲେଖ କରାଗଲା ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାୟୀ ପଟ୍ଟା ପାଇଁ ଏହି ୭୦୦ ପରିବାର ସଂଗ୍ରାମ ଜାରି ରଖିଛନ୍ତି । ବୁଧବାର ଜିଲ୍ଲାପାଳଙ୍କ କୋର୍ଟରେ ବିଚାରଧିନ ଥିବା କେସ୍‌ର ତାରିଖ ଥିବାରୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଶରଣାର୍ଥୀ ଓ ବରିଷ୍ଠ ଆଇନଜୀବି ସରୋଜ କୁମାର ପାଢୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ହାଇକୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ ।

# ଆଇନ ସେବା ପ୍ରାଧିକରଣ ତରଫରୁ ମାନବ ଚାଲାଣ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୫।୨ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ମହାକାଳପଡା ର ଆକୁଳି ମଠରେ ଏକ ମାନବ ଚାଲାଣ ସମ୍ବଳିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ର ସଚିବ ମଳୟ କୁମାର ପ୍ରଧାନ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସଂପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ । ଆଖପାଖ ଅଂଚଳରେ ଜିଲ୍ଲା ଆଇନସେବା ପ୍ରାଧିକରଣ ର କାର୍ଯ୍ୟ ଏବଂ ମାନବ ଚାଲାଣ ସଂପର୍କିତ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏଥି ସହିତ କରୋନା ମହାମାରୀ ସମୟରେ ସମସ୍ତେ ସରକାରଙ୍କ ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ : ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟୀ

ଧର୍ମଶାଳା,୨୫।୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନିଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୩୮ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଜି ମ୍ୟାଚରେ ସତ୍ୟ ସାଇ କିକେଟ କ୍ଲବ କାକୁଡିକୁଦକୁ ୫ ଉଇକକେଟରେ ହରାଇ ସ୍କାନ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ସତ୍ୟ ସାଇ କ୍ରିକେଟ ଟସ୍‌ରେ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଏସ କୁମାର ୩୬ ଓ ପ୍ରକାଶ ପଣ୍ଡା ୨୩ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଆୟୁଷ ବେହେରା ରାମଚନ୍ଦ୍ର ମହାନ୍ତି ୧୫ ରନ ଦେଇ ୪ଗୋଟି ଉଇକେଟ ନେଇଥିଲେ । ଜବାବରେ ୟୁନିୟନ ସ୍କାନ ୧୩୮ରନ ପିଛା କରି ୧୪ ଓଭରରେ ୫ ଉଇକେଟ ହରାଇ ବିଜୟ ରନ ସଂଗ୍ରହ କରି ଏହି ମ୍ୟାଚକୁ ୫ ଉଇକେଟରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଏସ ସାବତ ସର୍ବାଧିକ ୪୬ ରନସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ସୁମନ ସମ୍ବିତ ରାଉତ ୨୫ ରନ ଦେଇ୨ଟି ଉଇକେଟ ନେଇଥିଲେ । ଏସ ସାବତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ଖେଳ ପରିଚାଳନାରେ ଶରତ ଚନ୍ଦ୍ର ଜେନା ଓ ରତିକାନ୍ତ ରାଉତ ପରିଚାଳନା କରିଥିବା ବେଳେ ଭାଷ୍ୟକାରଭାବେ ପ୍ରିୟନାଥ ରାଉତ ଓ ମଂଟୁ ଦାସ ଓ ସ୍କୋରରେ ପବିତ୍ର ସାହୁ, ସିପୁ ବିଶ୍ୱାଳ,ସଚିନ ଜେନା ଓ ବବିନାରାୟଣ ସେଠୀ ସହଯୋଗ କରିଥିଲେ । ଆଜିର ଖେଳକୁ ନିର୍ମଣ ସାହୁ,ନିରଞ୍ଜନ ଜେନା ଓ ରଞ୍ଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଜଁପଡାଠାରେ ନାମସଂକୀର୍ତ୍ତନ

ଧର୍ମଶାଳା,୨୫।୨ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଁପଡାଠାରେ ମହାପୁରୁଷ ଶ୍ରୀଶ୍ରୀ ବିଷ୍ଣୁକିଶୋର ଗୋସ୍ୱାମୀଙ୍କ ପୀଠଠାରେ ବାର୍ଷିକ ନାମ ସଂକୀର୍ତନ ଧର୍ମୀୟ ଓ ଆଧ୍ୟାତ୍ମୀକ ପରିବେଶ ମଧ୍ୟରେ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ଏହି ଧାର୍ମୀୟ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମହାମନ୍ତ୍ର ଶ୍ରବଣ କରିବା ସହ ପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ । ଏହି ସଂକୀର୍ତନ କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରରୁ ୨୦ରୁ ଉର୍ଦ୍ଧ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ଶହଶହ ସଂଖ୍ୟାରେ ଭକ୍ତମାନେ ଯୋଗ ଦେଇ ବିଭୂକୃପା ଲାଭ କରିଥିଲେ । କାର୍ଯ୍ୟକମକୁ ଯଯାତି ନାୟକ,ଆଲୋକ ନାୟକ,ମନୋଜ ନାୟକ,ଆକାଶ ନାୟକ, ରଶ୍ମି ନାୟକ, ଅନନ୍ତ ଦାସ, ଅରକ୍ଷିତ ଅଧିକାରୀ ମନ୍ମଥ ଦାସ, ତ୍ରିଲୋଚନ ଦାସ, ମଦନ ମୋହନ, ମିଟ, ନିରଞ୍ଜନ, ରବିନ୍ଦ୍ର କୁମାର ଓ ଗ୍ରାମ ମୁରବୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସୁସ୍ଥ ଓଡିଶା ଲାଗି ଜଳେଶ୍ୱର ପୌରପରିଷଦରେ ବଡାଖାନା କାର୍ଯ୍ୟକ୍ରମ : ସମନ୍ୱୟ ସ୍ଥାପନ ପ୍ରଚେଷ୍ଟା

ଜଳେଶ୍ୱର ,୨୫।୨ (ନି.ପ୍ର): ସମଗ୍ର ଓଡିଶାକୁ ସୁସ୍ଥ ଓ ବିକାଶଶୀଳ କରିବାଲାଗି ବିଭିନ୍ନ ସ୍ଥାନରେ ସରକାରଙ୍କ ବଡାଖାନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଦ୍ୱାରା ଅଧିକାରୀ, କର୍ମଚାରୀ ଓ ସରକାରୀ ବାବୁ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ଆଣିବାର ଯୋଜନାର ମୂଳଲକ୍ଷ୍ୟ ବୋଲି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ପୌରପ୍ରଶାସକ ନିଲୁ ମହାପାତ୍ର କହିଛନ୍ତି । ସବୁ ମଣିଷ ସମାନ, କର୍ମଚାରୀ, ଜନସାଧାରଣ ଓ ବାବୁ ମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ପ୍ରତ୍ୟେକଙ୍କ ମାନସିକତା ପରିବର୍ତ୍ତନ ହେବା ସଂପର୍କରେ କହିଥିଲେ । ପୌରଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲଟିର କେତେକ ଜନସାଧାରଣ, କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମର ସଂନ୍ଦେସ ଦେବା ସହିତ ପଂକ୍ତିଭୋଜନରେ ସାମିଲ ହୋଇଥିଲେ । କାର୍ଯ୍ୟଦକ୍ଷତାଲାଗି ସଫେଇ କର୍ମଚାରୀଙ୍କ ମଧ୍ୟରୁ ସୁକୁଲ କିସ୍କୁ, ଗଂଗାଧର ମୁଖି, ଗଜେନ୍ଦ୍ର ସିଂ, ଚନ୍ଦନ ମଣ୍ଡଳ, ମୁକୁନ୍ଦ ବେସ୍ରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱଚ୍ଛସାଥି, ଅଗ୍ରଣୀ ଏସ୍‌ଏଚ୍‌ଜି, ସ୍ୱଚ୍ଛ ଗୃହୀଣି, ଏମ୍‌ସିସି ଓ ଏମ୍‌ଆର୍‌ଏଫର ସଂସଦ ଗୃହରେ ଦକ୍ଷ ମହିଳାଙ୍କୁ ପୁରସ୍କୃତ, ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ବିଭିନ୍ନ ଅଂଚଳରୁ ମଇଳା ଧରି ୫ଜଣ ମହିଳା ଅପରିଷ୍କାର ପଦାର୍ଥମାନ ବ୍ୟାଟେରୀଚାଳିତ ଗାଡିରେ ଆଣିବାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା । ଜଳେଶ୍ୱର ମ୍ୟୁନିସିପାଲଟି ରାଜ୍ୟର ପ୍ରବେଶଦ୍ୱାର ହୋଇଥିବାରୁ ଏହାକୁ ସର୍ବାଙ୍ଗ ସୁନ୍ଦର ଓ ବିକାଶ ଲାଗି ପ୍ରତ୍ୟେକସ୍ତରରେ ପଦକ୍ଷେପ ଆରମ୍ଭ ହେବା ଉଚିତ୍ ବୋଲି ପୌର ଅଧିକାରୀ ଅଜୟ ମହାପାତ୍ର କହିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତ୍ସ୍ନା ପତି ଙ୍କ ସହିତ ଅନ୍ୟକର୍ମଚାରୀମାନେ ପରିଚାଳନା କରିଥିଲେ ।

# ମହାପୁରୁଷଙ୍କ ଜନ୍ମୋତ୍ସବ, ଗୀତା ଯଜ୍ଞ ଓ ନାମ ସଂକୀର୍ତ୍ତନ

ପାଣିକୋଇଲି,୨୫।୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମସ୍ଥ ପଂଚରନ୍‌ଧାମ ଅନନ୍ତ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଚ୍ୟୁତ୍ୟାନନ୍ଦ ଦାସ ମହାପୁରୁଷଙ୍କ ଜନ୍ମୋତ୍ସବ, ଗୀତାଯଜ୍ଞ ଓ ନାମ ସଙ୍କିର୍ତନ ଆରମ୍ଭ ହୋଇଛି । ପୂର୍ବାହ୍ଣ ୮ଟାରୁ ଜଳଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା । ଅପରାହ୍ଣରେ ପୂର୍ଣ୍ଣାହୂତି ପରେ ମଳିକା ବଚନ ପ୍ରବଚନ ଆରମ୍ଭ କରାଯାଇଥିଲା । ପ୍ରବଚକ ଶ୍ରୀ ବ୍ରହ୍ମଚାରୀ ପଦ୍ମଶ୍ରୀ ସିଦ୍ଧି ସାଧକ ବ୍ରଜ ନାରାରାୟଣ ଦାସ( ଜଟିଆ ମଠ ରଘୁନାଥ ଜୀୟୁ ଠାକୁର), ତତ୍ୱ ଜ୍ଞାନି ନିର୍ଗୁଣ ସାଧକ ଚଗଲା ବାବା ମହାରାଜଜୀ ଚିତ ରଂଜନ ନାୟକ ଓ ସାଥିଙ୍କୁ ନେଇ ପ୍ରବଚନ ଓ ଧାର୍ମିକ ସଭା କରାଯାଇଥିଲା । କର୍ତା ଭାବେ ଅଜୟ କିଶୋର ଦାସ ଯୋଗଦେଇଥିବା ବେଳେ କୈଳାସ ଚନ୍ଦ୍ର ସାହୁ, କାଳନ୍ଦୀ ଚରଣ ଜେନା, ସଚିଦାନନ୍ଦ ମହାନ୍ତି, ଯିଶୁ କ୍ରିଷ୍ଟ ସାହୁ, ଶୁଭାଶିଷ ମିଶ୍ର, ତପନ କୁମାର ସାହୁ, ଶିବରାମ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

# ଭଦ୍ରକ ବସ୍ ସିଣ୍ଡିକେଟ ନବ ଗଠିତ କର୍ମକର୍ତ୍ତାଙ୍କ କରୋନା ପୁନଃ ସଂକ୍ରମଣ ଓ ସମ୍ଭାବ୍ୟ ଅଂଶୁଘାତ ସଚେତନତା ଶିବିର



ଭଦ୍ରକ,୨୫।୨ (ନି.ପ୍ର): କରୋନା ମହାମାରୀର ପୁନଃ ସଂକ୍ରମଣ ଓ ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ପୂର୍ବକ ସମ୍ଭାବ୍ୟ ଅଂଶୁଘାତର କଡ଼ା ମୁକାବିଲା କରିବା ପାଇଁ ଏକ ସଚେତନତା ଶିବିର ଓ ପ୍ରସ୍ତୁତି ବୈଠକ ଭଦ୍ରକ ବସ୍ ସିଣ୍ଡିକେଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଣ୍ଡିକେଟର ସାଧାରଣ ସମ୍ପାଦକ ଦିଲିପ ନାୟକ ଶିବିରର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଚଣ୍ଡ ରୌଦ୍ରରେ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀମାନଙ୍କ ସୁରକ୍ଷା, କରୋନା ସଂକ୍ରମଣରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ମାସ୍କ ବ୍ୟବହାର ଓ ଯାତ୍ରୀମାନେ ସାମାଜିକ ଦୂରତ୍ୱ ରକ୍ଷା କରି ବସ୍‌ରେ ଯେପରି ଯାତାୟତ କରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାବ୍ୟତୀତ ଚଳାଚଳ କରୁଥିବା ସସସ୍ତ ବସ୍‌ର କଣ୍ଡକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ବିନା ମାସ୍କ ଓ ସାନିଟାଇଜରରେ ଯାତ୍ରୀମାନଙ୍କୁ ବସ୍ ଭିତରକୁ ପ୍ରବେଶ କରାଇବାକୁ ବାରଣ କରିବା ପାଇଁ ବସ୍ ମାଲିକମାନଙ୍କୁ କହିଥିଲେ । ସିଣ୍ଡିକେଟର ଉପସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତ କରୋନା ସମୟରେ ଘଟିଯାଇଥିବା ବିପର୍ଯ୍ୟୟ ଓ ଦୁର୍ଦ୍ଦଶାର ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବା ପାଇଁ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କ ପକ୍ଷରୁ ଟୀକାକରଣ ବ୍ୟବସ୍ଥାକୁ ସମସ୍ତେ ଗ୍ରହଣ କରିନେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପାର୍ଥସାରଥି ମହାପାତ୍ର ଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ସରକାରଙ୍କ କରୋନା ଜନିତ ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରି ଯାତ୍ରୀମାନଙ୍କ ଶୃଙ୍ଖଳିତ ଯାତ୍ରା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ସଂଘର ବରିଷ୍ଠ ସଦସ୍ୟ ସୋମନାଥ ସାହୁ (ପଦୁ ବାବୁ) ବୈଠକ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ଦିଲିପ ମହାନାୟକ ଓ ସହକୋଷାଧକ୍ଷ ଅଭୟ କୁମାର ପାଢୀ, ସହସମ୍ପାଦକ ପ୍ରଫୁଲ୍ଲ କର, ବିଶ୍ୱଜିତ ସାହୁ, ରବିନାରାୟଣ ପଣ୍ଡା, ବାଜ୍ ଅହମ୍ମଦ ଖାଁ ପ୍ରମୁଖ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମ ଉପରେ ସୁଚିନ୍ତିତ ମତ ରଖିଥିଲେ । ବରିଷ୍ଠ ସଭ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦାସ, ଦୁର୍ଗାପ୍ରସାଦ ପାଳକ, ରତିକାନ୍ତ ପରିଡ଼ା, ରବିନ୍ଦ୍ର କୁମାର ଦାସ, ନିର୍ମଳ କର, ଗଣେଶ ଚନ୍ଦ୍ର ଜେନା, ଅମୀୟ ମହାନ୍ତି, ଲାଲୁ ବାବୁ ପ୍ରମୁକ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରି ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ମଧରେ ବସ୍‌ଷ୍ଟାଣ୍ଡରେ ଯାତ୍ରୀ ତଥା ବସ୍ କର୍ମଚାରୀମାନଙ୍କ ମଧ୍ୟରେ ମାସ୍କ ବଣ୍ଟନ କରାଯିବ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜଳଯୋଗାଣ ସହ ବିହିତ ପଦକ୍ଷେପମାନ ନିଆଯିବାକୁ ପ୍ରସ୍ତାବ ଦେଇଥିଲେ ।



# ରୋଷେଇ ଘରେ କ'ଣ, କେଉଁଠି

**ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘର କାନ୍ଥରେ କଳା ରଙ୍ଗ ଆଦୌ ଗହଣୀୟ ନୁହେଁ । ହଳଦୀ, ଗୋଲାପି, ଚକୋଲେଟ, ମାଟିଆ, ସବୁଜ, କମଳା ଆଦ ରଙ୍ଗ କାନ୍ଥରେ ବ୍ୟବହାର କରାଗଲେ ଭଲ ।**

ରୋଷେଇ ଘର ଘରର ଏକ ଅନ୍ତର୍ନିହିତ ଅଂଶ ଅଟେ । କିନ୍ତୁ ଅନେକ ସମୟରେ ଦେଖାଯାଏ ରୋଷେଇ ଘର ପାଇଁ ଅନେକ ବାଧା ବିଘ୍ନ ଉପୁଜିଥାଏ । ଏହାର ନିରାକରଣ କରାନଗଲେ ପରିବାରର ଅନେକ କ୍ଷତି ହେବା ସହିତ ସବୁ କାର୍ଯ୍ୟରେ ବାଧାବିଘ୍ନ ଉପୁଜିଥାଏ । ବାସ୍ତୁଶାସ୍ତ୍ର ନିୟମାନୁସାରେ ରୋଷେଇ ଘର ତିଆରି କରିବା ପୂର୍ବରୁ କିଛି ପନ୍ଥା ଅନୁସରଣ କରିବା ନିତ୍ୟାନ୍ତ ଆବଶ୍ୟକ । ଆସନ୍ତୁ ଜାଣିବା କଣ କରିବା ଉଚିତ୍ କଣ କରିବା ଅନୁଚିତ୍

**କେଉଁଠି ରହିବା ଉଚିତ୍:**
ଘରର ଦକ୍ଷିଣ କିମ୍ବା ପୂର୍ବ କୋଣରେ ରୋଷେଇ ଘର ରହିବା ଉଚିତ୍ । ଯଦି ନଥାଏ ଅନ୍ୟ ଉପାୟ ମଧ ଅଛି । ଉତ୍ତର ପଶ୍ଚିମ କୋଣରେ ତିଆରି ବି ହୋଇପାରିବ । ଦକ୍ଷିଣ ପୂର୍ବ କୋଣରେ ଥିଲେ ଅଗ୍ନି ବିଧି ଅନୁସାରେ ନିର୍ଗତ ହୋଇଥାଏ । ଏହି କାରଣରୁ ଏହା ହେଉଛି ଏକ ସଫଳ ଉପାୟ ରୋଷେଇ ଘର ନିର୍ମାଣ କରିବାରେ ।

**ଗ୍ୟାସ୍, ଷ୍ଟୋଭ କେଉଁଠି ରହିବା ଉଚିତ୍:**
ରୋଷେଇ ଘରେ ନିତ୍ୟାନ୍ତ ଆବଶ୍ୟକତା ଥାଏ ଗ୍ୟାସ୍ ଓ ଷ୍ଟୋଭର ଏଣୁ ଏହା ମଧ ନିର୍ଦ୍ଧାରିତ ସ୍ଥାନରେ ରହିବା ଉଚିତ୍ । ବାସ୍ତୁ ଶାସ୍ତ୍ର ନିୟମାନୁସାରେ ଗ୍ୟାସ୍ ଓ ଷ୍ଟୋଭ ଦିଣ ଓ ପୂର୍ବ କୋଣରେ ରହିବା ଉଚିତ୍ । ଏଣୁ ମହିଳାମାନେ ପୂର୍ବ ଦିଗକୁ ମୁହଁ କରି ରୋଷେଇ କରିବା ଆବଶ୍ୟକ ।

**କେଉଁଠି ଟ୍ୟାପ୍ ରହିବା ଉଚିତ୍:**
ରୋଷେଇ ଘରେ ପାଣିର ପ୍ରଭାହ ହେବା ଫଳରେ ଆସବାପତ୍ରଗୁଡ଼ିକ ଓଦାହେବାର ସମ୍ଭାବନା ଥାଏ । ତେଣୁ କରି ଉତ୍ତର-ପୂର୍ବ ଦିଗକୁ ଗ୍ୟାସ୍ ଓ ଷ୍ଟୋଭର ଦୂରରେ ଟ୍ୟାପ୍ ରହିବା ଜରୁରୀ । କାରଣ ନିଆଁ ଓ ପାଣି ଉଭୟ ପରସ୍ପରର ବିକର୍ଷଣ କରିଥାନ୍ତି ।

**ରିଫ୍ରେଜେରେଟର କେଉଁଠି ରହିବା କଥା:**
ବାସ୍ତୁ ଶାସ୍ତ୍ର ନିୟମାନୁସାରେ ରୋଷେଇ ଘରେ ରିଫ୍ରେଜେରଟର ଦକ୍ଷିଣ - ପୂର୍ବ ଦିଗରେ ରହିବା ଉଚିତ୍ । ପ୍ରତିକୋଣରୁ କିଛି ପାଦ ଦୂରକୁ ଛାଡ଼ି ରିଫ୍ରେଜେରେଟର ରଖାଯାଇଥିଲେ ଭଲ । କିନ୍ତୁ ଉତ୍ତର-ପୂର୍ବ ଦିଗରେ ରଖାଯିବା ଆଦୌ ଉଚିତ୍ ନୁହେଁ ।

**ଏକ୍ସହାଉସ୍ ଫ୍ୟାନ୍ ଓ ଝର୍କା:**
ରୋଷେଇଘରେ ଝର୍କାର ଗୁରୁତ୍ୱ ନିହାତି ଥଶଏ । ହେଲେ ବାସ୍ତୁଶାସ୍ତ୍ର ଅନୁସାରେ ଗୋଟିଏ କିମ୍ବା ଦୁଇଟି ଝର୍କା ରୋଷେଇ ଘରେ ରହିବା ଜରୁରୀ । ରୋଷେଇ ଘର ଧୂଆଁ ବାହାରକୁ ଯିବା ପାଇଁ ଏକ୍ସହାଉସ ଫ୍ୟାନ ବି ଦରକାର ତେଣୁ ଝର୍କା ଓ ଫଙ୍କା ଉଭୟ ପୂର୍ବ ଦିଗକୁ ରହିଲେ ଭଲ । ଝର୍କା ଛୋଟ ହେଉ କି ବଡ଼ ପୂର୍ବ ଦିଗରେ ରହିଲେ କିଛି ସମୟ ଅନ୍ତରରେ ବାୟୁ ଚଳାଚଳ ହୋଇଥାଏ । ଏହା ମଧ୍ୟ ଦକ୍ଷିଣ କୋଣରେ ରହିପାରିବ ।

**ବିଦ୍ୟୁତ୍ ଉପକରଣର ସ୍ଥାନ:**
ଅତ୍ୟାଧୁନିକ ରୋଷେଇ ଘରେ ବିନା ବିଦ୍ୟୁତ୍ ଉପକରଣରେ ବିଲା ଖାଲି ଖାଲି ମନେ ହୋଇଥାଏ । ଚୁଲି, ସୂକ୍ଷ୍ମତରଙ୍ଗ, ତାପଜ ଶକ୍ତି ଇତ୍ୟାଦି ରହିଥାଏ । ଏହିସବୁ ଉପକରଣ ଦିଣ କିମ୍ବା ଦକ୍ଷିର ପୂର୍ବ କୋଣରୁ ରହିବା ଉଚିତ୍ । ଉତ୍ତର ପୂର୍ବ କୋଣରେ କଦାପି ଏହା ରହିବା କଥା ନୁହେଁ ।

**ଷ୍ଟୋରେଜର ସ୍ଥାନ:**
ରୋଷେଇ ଘରେ ଷ୍ଟୋରେଜର ସ୍ଥାନ ଅନନ୍ୟ । ତେଣୁ କରି ଆମେ ଖାଦ୍ୟ, ବାସନ, ଏହି ଷ୍ଟୋରେଜରେ ରଖିଥାଉ । ଏହି ଷ୍ଟୋରେଜର ଆଲମାରୀ ଦକ୍ଷିଣ କିମ୍ବା ପଶ୍ଚିମରେ ରହିବା ଆବଶ୍ୟକ । ଏହାକୁ ଉତ୍ତର କିମ୍ବା ପୂର୍ବ ପାର୍ଶ୍ୱରେ ତିଆରି କରିବା ଅନୁଚିତ୍ ।

**ଜଳପାତ୍ର ସ୍ଥାନ :**
ପିଇବା ପାଣି ଜଳ ପାତ୍ର କିମ୍ବା ମାଟିରେ ନିର୍ମିତ ସୁରେଇ, ମାଠିଆ, ଫିଲଟର ଆଦି ଉତ୍ତର ପୂର୍ବ ଦିଗରେ ରହିବା ଉଚିତ୍ ।

**ରୋଷେଇ ଘରର ରଙ୍ଗ:**
ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘର କାନ୍ଥରେ କଳା ରଙ୍ଗ ଆଦୌ ଗ୍ରହଣୀୟ ନୁହେଁ । ହଳଦୀ , ଗୋଲାପି, ଚକୋଲେଟ୍, ମାଟିଆ, ସବୁଜ, କମଳା ଆଦି ରଙ୍ଗ କାନ୍ଥରେ ବ୍ୟବହାର କରାଗଲେ ଭଏ ।

ଏହିସବୁ ବ୍ୟତୀତ ରୋଷେଇ ଘର ପାଚେରୀ ନିକଟ କିମ୍ବା ଟଏଲଟ୍, ବାର୍ଥରୁମ୍ ଗୃହର ସମ୍ପୂର୍ଣ୍ଣ ମହଲା ନିକଟରେ ରହିବା ଉଚିତ୍ ନୁହେଁ । ଏବଂ ବାର୍ଥରୁମ୍ କିମ୍ବା ଟଏଲଟ ତଳେ ମଧ ନିର୍ମାଣ କରାଯିବା ଅନୁଚିତ୍ ।

# କ୍ଷତିକାରକ ମିଠା



ଛୋଟ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଠା ଖାଇବାକୁ ପସନ୍ଦ କରନ୍ତି । ଆମେ ପ୍ରତିଦିନ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ମିଳୁଥିବା ଖାଦ୍ୟ ଖାଇଥାଉ । ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଚିନି, ଗୁଡ଼, ମହୁ, ଆଳୁ, ଭାତ, ଚୁଡ଼ା, ମୁଢ଼ି ଇତ୍ୟାଦି ଶରୀରକୁ କ୍ଷତି ପହଞ୍ଚାଏ । ଅଧିକ ମିଠା ଖାଇଲେ ମଧୁମେହ ରୋଗ ହେବା ସହିତ ଉଚ୍ଚ ରକ୍ତଚାପ ଓ ଟ୍ରାଇଗ୍ଲିସରାଇଡ ମାତ୍ରା ରକ୍ତରେ ବୃଦ୍ଧି ପାଇଥା, । ଫଳରେ ଶରୀରରେ ଭିଟାମିନ 'ସି'ର ଅଭାବ ଦେଖାଦେଇଥାଏ । ଆବଶ୍ୟକତାଠାରୁ ଅଧିକ ମିଠା ଖାଇଲେ ଶରୀରରେ ଗ୍ଲୁକୋଜ ଖର୍ଚ୍ଚ ହୋଇପାରେ ନାହିଁ । ଶରୀର ଓଜନ ହ୍ରାସ କରିବାକୁ ହେଲେ ପ୍ରଥମେ ଶ୍ୱେସାର ଜାତୀୟ ଖାଦ୍ୟକୁ ନିୟନ୍ତ୍ରଣ କରିବା ଉଚିତ । ବିଭିନ୍ନ ପ୍ରାକୃତିକ ମିଠା ବ୍ୟତୀତ ବର୍ତ୍ତମାନ ବଜାରରେ ଅନେକ ପ୍ରକାର କୃତ୍ରିମ ମିଠା ମଧ୍ୟ ମିଳୁଛି । ଆମେ ପ୍ରତିଦିନ ଖାଉଥିବା ଜାମ, ଚକୋଲେଟ, କେକ୍ ଏବଂ ମୃଦୁପାନୀୟରେ ବହୁଳ ମାତ୍ରାରେ ମିଠାକୁ ବ୍ୟବହାର କରାଯାଇଥାଏ । ଏସବୁକୁ ଖାଇବା ଦ୍ୱାରା ଅନେକ ଛୋଟ ବଡ଼ ରୋଗ ଯଥା ଦାନ୍ତ ପୋକ ଖାଇବାଠାରୁ ଆରମ୍ଭ କରି ହୃଦରୋଗ ପର୍ଯ୍ୟନ୍ତ ରୋଗ ହେବାର ଆଶଙ୍କା ବୃଦ୍ଧିପାଇଥାଏ । ଏପରି ସ୍ଥିତିରେ ଅତ୍ୟଧିକ ମିଠା ନ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି ।

# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ

ଏକ ଅଧ୍ୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଜାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂକୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ଦ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲିହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟିସୋଲ ସ୍ତର ବୃଦ୍ଧିପାଏ ।

# ଓଜନ ହ୍ରାସର ସହଜ ଉପାୟ ନୃତ୍ୟ

ନୃତ୍ୟ କଲେ ଓଜନ କମେ, ଏ କଥା ନୂଆ ନୁହେଁ । କିନ୍ତୁ ଖାସ୍ କଥା ହେଉଛି, ଅନେକ ଦେଶ ନୃତ୍ୟକୁ ବୃଢ ଭାବେ ଗ୍ରହଣ କରୁଛନ୍ତି । ନୃତ୍ୟ ଦ୍ୱାରା ଓଜନ କମାଇବାକୁ ଏବେ ବିଭିନ୍ନ ସଂସ୍ଥା ଖୋଲିଲାଣି । ନୃତ୍ୟ କଲେ ଶରୀର ସକ୍ରିୟ ହୁଏ । ମାଂସପେଶୀ ମଜବୁତ ହେବାସହ ରକ୍ତ ସଂଚାଳନ ଠିକ୍ ହୋଇଥାଏ । ଶରୀରରେ ଥିବା ଅତ୍ୟଧିକ ଚର୍ବି ହ୍ରାସ ହୋଇ ଝାଳ ରୂପେ ବାହରକୁ ଆସିଥାଏ । ଗବେଷକଙ୍କ ମତରେ, ନୃତ୍ୟ କଲେ ହୃଦ ସମସ୍ୟା ଦୂର ହେବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ନୃତ୍ୟ ଦ୍ୱାରା ସାଧାରଣତଃ ହୃତସ୍ପନ୍ଦନରେ ଗତି ବଢ଼ିଥା, । ଏହି କାରଣରୁ ଦ୍ରୁତ ଗତିରେ ଶରୀରରେ ରକ୍ତ ସଂଚାଳନ ହୋଇଥାଏ । ଯାହା ଓଜନ ହ୍ରାସର ଆଉ ଏକ କାରଣ । ମାତ୍ର ବେଳେବେଳେ ହୃତସ୍ପନ୍ଦନ ଗତି ବୃଦ୍ଧି କ୍ଷତିକାରକ ହୋଇଥାଏ । ଏଥିପାଇଁ ବିଭିନ୍ନ ନୃତ୍ୟ ଶୈଳୀ ରହିଛି । ସେଗୁଡ଼ିକ ହେଲା, ହିପହପ୍, ବେଲି, ଜୁମ୍ବା ଓ ବଲିଉଡ୍ ଆଦି । ଲୋକଙ୍କ ସ୍ୱାସ୍ଥ୍ୟ ଓ ହୃତସ୍ପନ୍ଦନ ଗତିକୁ ଧ୍ୟାନରେ ରଖି ପ୍ରଶିକ୍ଷକମାନେ ନୃତ୍ୟ ଚୟନ କରି ତାଲିମ ଦେଉଛନ୍ତି ।

# ଡେଡ୍ ସ୍କିନ୍ ସେଲ୍ସରୁ ମୁକ୍ତି



♦ ଗାଧେଇବା ପାଣିରେ ଲେମ୍ବୁରସ ମିଶାଇଲେ ତ୍ୱଚାକୁ ଡେଡ୍ ସ୍କିନ୍ ସେଲ୍ସ ହଟିଯାଇଥାଏ ।
♦ ସୈନ୍ଧବ ଲବଣ ପାଣିରେ ମିଶାଇ ଗାଧେଇବା ଦ୍ୱାରା ଦେହର ଅଶ୍ୱସ୍ତି ଓ ବ୍ୟଥା ଦୂର ହୋଇଥାଏ ।
♦ ଖଦଡ଼ ହୋଇଥିବା ବେସନକୁ ମୁହଁ ଓ ଦେହରେ ଲଗାଇ ଘଷିଲେ ଡେଡ୍ ସ୍କିନ୍ ସେଲ୍ସ ବାହାରି ଯାଇଥାନ୍ତି । ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଯାଏ ।
ଏହା ଯୋଗୁ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ ।

**ତିରିଶ ବର୍ଷ ପରେ ବି:**
ଶରୀରରେ ତିରିଶ ବର୍ଷ ପରେ ପରିବର୍ତ୍ତନ ଆସିଥାଏ । ଆଖି ତଳେ କଳା ଦାଗ, ବ୍ରଣ ଓ ଅନ୍ୟାନ୍ୟ ଦାଗ କାରଣରୁ ଆପଣ ଅଧିକ ବୟସ୍କ ଦେଖାଯାଇଥାନ୍ତି । ସ୍କିନରେ ଦେଖାଯାଉଥିବା ଏହି ସମସ୍ୟା ଧୂଳି, ମାଟି ଓ ପ୍ରଦୂଷଣ ଆଦି କାରଣରୁ ହୋଇଥାଏ । ଏହା ବ୍ୟତୀତ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ ।
ତରଭୁଜର ଫେସ ପ୍ୟାକ୍ ଘରେ ତିଆରି କରି ଲଗାନ୍ତୁ ।
ଚମେଲୀ ଫୁଲକୁ ବିଉଟି ଟ୍ରିଟ୍‌ମେଣ୍ଟରେ ମଧ୍ୟ ବ୍ୟବହାର କରାଯାଏ ।
କଳା ଦାଗ, ବ୍ରଣ ଓ ଅନ୍ୟ ଦାଗର ସମସ୍ୟା ଦୂର କରିବା ପାଇଁ ସେ ସ୍ଥାନରେ ବରଫକୁ ଧୀରେଧୀରେ ଘଷନ୍ତୁ ।
ଏସବୁ ସମସ୍ୟା ଦୂର କରିବା ପାଇଁ ବେକିଙ୍ଗ ସୋଡ଼ାକୁ ଫେସ ପ୍ୟାକ୍ ମଧ କରି ବ୍ୟବହାର କରି ପାରିବେ ।

# ଆର୍ଥାରାଇଟିସ୍



ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି ।
ଆର୍ଥରାଇଟିସକୁ ଗଠିଆ ବାତ ମଧ୍ୟ କୁହାଯାଏ । ଏହା କେବଳ ବୟସ୍କମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ଯୁବକ, ଯୁବତୀମାନେ ମଧ୍ୟ ଏହି ରୋଗର ଶୀକାର ହେଉଛନ୍ତି । ଏହାର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁରେ ଓ ହାଡ଼ରେ ଦେଖାଯାଇଥାଏ । ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଏହି ଲୋକଙ୍କୁ ଆର୍ଥରାଇଟିସ୍ ହେବାର ସମ୍ଭାବନା ଅଧିକ ପରିମାଣରେ ଥାଏ । ଠିକ୍ ସମୟରେ ଏହାର ଚିକିତ୍ସା ନ କଲେ ଏହି ରୋଗ ଏକ ବର୍ଷ ମଧରେ ଶରୀରର ଅନେକ କିଛି କ୍ଷତି କରିଥାଏ ।

# ମନ୍ଦିରରେ ଲାଗିହୁଏ ଗୋଟା ପିଆଜ



ଦୁଇ ସପ୍ତାହରେ ଏଠାରୁ ୫୦ ରୁ ୭୦ କ୍ୱିଣ୍ଟାଲ ମଧରେ ପିଆଜ ସଂଗ୍ରହ କରାଯାଇଥାଏ । ଦିଲ୍ଲୀ, ହରିଆନା, ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରୁ ପ୍ରାୟ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ଏହାକୁ ନେଇ ଏକ ରୋଚକ କିମ୍ବଦନ୍ତୀ ମଧ୍ୟ ରହିଛି, ତାହା ହେଲା ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ ହନୁମାନଗଡ଼ ଜିଲ୍ଲାରେ ଗୋଗାମେଡୀ ପାଖରେ ଗୋଗାଜୀ ଏବଂ ମହମ୍ମଦ ଗଜନବିଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଗୋଗାଜୀ ଏହି ଯୁଦ୍ଧ ପାଇଁ ସବୁ ସ୍ଥାନରୁ ସୈନ୍ୟ ଡକାଇଥିଲେ । ସୈନ୍ୟମାନେ ଯୁଦ୍ଧ ସମୟରେ ଖାଦ୍ୟ ଗ୍ରହଣ କରିବା ପାଇଁ ପିଆଜ ଏବଂ ବୁଟ ଡାଲି ଆଣିଥିଲେ । କାରଣ ସେହି ସମୟରେ ଏହାହିଁ ସବୁଠାରୁ ଶସ୍ତାରେ ମିଳୁଥିଲା ।

ରାଜସ୍ଥାନର ହନୁମାନଗଡ଼ ଜିଲ୍ଲାସ୍ଥିତ ଦଦରେବା ଧାମରେ ଗୋଗାଜୀ ଏବଂ ଗୁରୁ ଗୋରଖନାଥ ମନ୍ଦିରରେ ପ୍ରସାଦରେ ଲାଗିହୁଏ ଗୋଟା ପିଆଜ। ଏହି ନୈବେଦ୍ୟ କେବଳ ଭାଦ୍ରବ ମାସରେ ଲାଗିହୁଏ । ଏହି ମନ୍ଦିରରେ ପିଆଜ ସହ ବୁଟ ଡାଲି ମଧ୍ୟ ଭୋଗ ପାଇ ହୋଇଯାଏ । ରକ୍ଷା ବନ୍ଧନ ପରଠାରୁ ଏହି ନୀତି ଚାଲେ । ଏହି ପରମ୍ପରା ଦୀର୍ଘ ବର୍ଷର । ଏହି ପରମ୍ପରା ଏତେ ଲୋକପ୍ରିୟ ଯେ, ଗୋଟିଏ ମାସ ଭିତରେ ପାଖାପାଖି ୪୦ ଲକ୍ଷ ଭକ୍ତ ଆସିଥାନ୍ତି ଏହି ମନ୍ଦିରକୁ । ସାଙ୍ଗରେ ଆଣିଥାନ୍ତି ବହୁତ ପିଆଜ । ଏକ ଗରନା ଅନୁସାରେ ପ୍ରାୟ

# ତୈଳ ସ୍ନାନ

ଇରାନର ପଡୋଶୀ ଦେଶ ଅଜରବେଜାନର ନାଫତଲାନ ସହରରେ ରହିଛି ଏକ ହେଲଥ ସେଣ୍ଟର । ଯେଉଁଠାରେ ଲୋକେ ଅଶୋଧିତ ତୈଳରେ ସ୍ନାନ କରି ରୋଗରୁ ମୁକ୍ତି ପାଇଥାନ୍ତି । ଏହି ସ୍ନାନ ଦ୍ୱାରା ପାଖାପାଖି ୭୦ ପ୍ରକାର ରୋଗ ଭଲ ହୋଇଥାଏ । ଏଠାରେ ଥିବା ବିଶେଷଜ୍ଞଙ୍କ କହିବା ମୁତାବକ ଏହି ତେଲରେ ସ୍ନାନ କରିବା ଦ୍ୱାରା ସ୍ନାୟବୀକ ଓ ଚର୍ମଗତ ରୋଗରୁ ଉପସମ ମିଳେ । ହେଲଥ ସେଣ୍ଟରକୁ ଚିକିତ୍ସା ପାଇଁ ବିଭିନ୍ନ ଦେଶରୁ ବିଭିନ୍ନ ପ୍ରକାର ରୋଗୀ ଆସନ୍ତି । ଏଠାରେ ସ୍ନାୟୁ ଓ ଚର୍ମ ଜନୀତ ରୋଗ ବ୍ୟତିତ ଗଣ୍ଠି ଓ ଶୀରା- ପ୍ରଶୀରା ଜନୀତ ରୋଗର ଉପଚାର ମଧ କରାଯାଏ । ଏହି ହେଲଥ ସେଣ୍ଟରର ଚିକିତ୍ସା ସ୍ନପାନ ଦ୍ୱାରା ହିଁ ହୋଇଥାଏ । ବାଥ ଟବରେ ପ୍ରାୟ ୧୩୦ ଲିଟର ଅଶୋଧିତ ତୈଳକୁ ୪୦ଡିଗ୍ରୀ ଉତ୍ତାପରେ ଗରମ କରି ରଖାଯାଏ । ସେହି ଗରମ ତେଲରେ ରୋଗୀ ସ୍ନାନ କରିଥାନ୍ତି । ତେବେ ଏହି



ବାଥ-ଟବରେ ରୋଗୀ ପାଖାପାଖି ୧୦ମିନିଟ ସମୟ ବୁଡ଼ି ରୁହନ୍ତି । ଚିକିତ୍ସା ପାଇଁ ଏଠାରେ ରୋଗୀଙ୍କୁ ୧୦ଦିନ ରହିବାକୁ ପଡ଼େ । ରୋଗୀ ପ୍ରତିଦିନ ୧୦ମିନିଟ୍ ଲେଖାଏଁ ଏହି ଗରମ ଅଶୋଧିତ ତୈଳରେ ସ୍ନାନ କରନ୍ତି । ଏଠାକୁ ପ୍ରତି ବର୍ଷ ୧ହଜାରରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି ବୋଲି ହେଲଥ ସେଣ୍ଟରର ଡାକ୍ତରମାନଙ୍କ ଠାରୁ ଜାଣିବାକୁ ମିଳିବ ।

# ଛିଙ୍କ ଶୁଭଙ୍କର

ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯାଉଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛିଙ୍କ ଆସେ, ଏହା ଶୁଭ ବୋଲି ଧରାଯାଏ । ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିଲା ବେଳେ ଛିଙ୍କ ଆସିଲେ ଏହା ଶୁଭ ଏବଂ ତୁରନ୍ତ ଆରୋଗ୍ୟ ହେବାର ସୂଚନା ।



ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ନିଜେ କିମ୍ବା ଅନ୍ୟ କେହି ଛିଙ୍କିଲେ ସ୍ୱାଦିଷ୍ଟ ଓ ମନପସନ୍ଦର ଖାଦ୍ୟ ମିଳିପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନୂଆ ସମ୍ଭାବନା...

ଦୀର୍ଘଦିନ ଧରି କରୋନା ସଂକ୍ରମଣଜନିତ ଅସ୍ୱାଭାବିକ ସମୟ ଅତିକ୍ରାନ୍ତ ହେବାପରେ ଦେଶ ତଥା ବିଶ୍ୱ ଅର୍ଥନୀତିରେ ଅଭାବନୀୟ ଜଟିଳତା ଦେଖାଦେଇଛି। ସମ୍ପ୍ରତି ଦୁର୍ବଳ ସ୍ଥିତିରୁ ଅର୍ଥନୀତିକୁ କେମିତି ସୁଧୁରାଯାଇପାରିବ, ସେଥିନେଇ ବ୍ୟାପକ ମନନ-ଚିନ୍ତନ ଚାଲିଛି। ବିଭିନ୍ନ ସାମଗ୍ରୀର ମୂଲ୍ୟବୃଦ୍ଧି, ବେକାରୀ ସମସ୍ୟା ସହିତ ପରିବହନ ଓ ଆନୁଷଙ୍ଗିକ ସମସ୍ୟା ପାଇଁ ସାଧାରଣ ନାଗରିକ ଜୀବନ ଅହସ୍ୟ ହୋଇପଡ଼ିଛି। ଗାଡ଼ି, ମୋଟର ଭଳି ସାଧନ ବ୍ୟବହାରରେ ଇନ୍ଧନର ଆଶାତୀତ ମୂଲ୍ୟବୃଦ୍ଧି ସମସ୍ତଙ୍କ ପାଇଁ ବିଷମତାର କାରଣ ହୋଇ ଦେଖାଦେଇଛି। କରୋନା କାଳରେ ଯେମିତି ସମସ୍ୟା ଭିତରେ ସମସ୍ତେ ସମୟ କଟାଇଛନ୍ତି, ତାହାକୁ ହୁଏତ ଦରବୃଦ୍ଧି ଅଧିକ ଜଟିଳତା ଭିତରକୁ ଠେଲି ଦେଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଉପୁନ୍ନ ସଙ୍କଟରୁ ମୁକୁଳାଇବା ପାଇଁ ଉଦ୍ୟମ କରିନାହାଁନ୍ତି, ତାହା ନୁହେଁ। ମାତ୍ର ଆନ୍ତର୍ଜାତିକ ତଥା ଜାତୀୟ ଦୃଶ୍ୟପଟ୍ଟ ବର୍ଷ ତମାମ୍ କୁହେଳିକାଚ୍ଛନ୍ନ ରହିବା ହେତୁ ଯେତେ ଉଦ୍ୟମ କରାଗଲେ ସୁଦ୍ଧା ସଙ୍କଟମୁକ୍ତ ହେବା ସମ୍ଭବ ହୋଇପାରିନାହିଁ। ଅଶୋଧିତ ତୈଳ ଉତ୍ତୋଳନ ଯଥେଷ୍ଟ ଅଧିକ ହୋଇଥିଲେ ହେଁ ପରିବହନ ହେଉନଥିବାରୁ କିଭଳି ସଙ୍କଟ ସୃଷ୍ଟି ହୋଇଛି, ତାହା ସମସ୍ତଙ୍କୁ ଜଣା। ତେଣୁ ମାସ ମାସ ଧରି ସରକାରୀ ଓ ବେସରକାରୀ ତୈଳ ଉଦ୍ୟୋଗ ହାତଛନ୍ଦି ବସି ରହିବାର ଦେଖାଯାଇଛି। ଆମ ଦେଶରେ କେନ୍ଦ୍ର ତଥା ରାଜ୍ୟମାନଙ୍କର ଜିଏସ୍‌ଟି ଓ ଭାଟ୍‌ଯୁକ୍ତ ହୋଇ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ମାତ୍ରାଧିକ ବୃଦ୍ଧିପାଇଛି। କିଏ ଜାଣିଥିଲା, ଦେଶରେ ପେଟ୍ରୋଲ ଲିଟର ପିଛା ମୂଲ୍ୟ ଶତକ ଛୁଇଁବ ବୋଲି। ପେଟ୍ରୋଲର ବର୍ଦ୍ଧିତ ଖୁଚୁରା ମୂଲ୍ୟର ୬୦% ପ୍ରତିଶତ ଟିକସ ଏବଂ ଡିଜେଲର ବର୍ଦ୍ଧିତ ମୂଲ୍ୟର ୫୬% ହେଉଛି ଟିକସ। ନିକଟରେ ଖାଉଟିମାନେ ସମ୍ମୁଖୀନ ହେଉଥିବା ହରକତକୁ ଊଣା କରିବା ଲକ୍ଷ୍ୟରେ ରାଜ୍ୟ ସରକାରମାନେ ଭାଟ୍ ଓ ଅନ୍ୟ ଟିକସ କାଟ୍ ସକାଶେ ପଦକ୍ଷେପ ନେବା ଆରମ୍ଭ କରିସାରିଲେଣି। ପଶ୍ଚିମବଙ୍ଗ, ଆସାମ, ରାଜସ୍ଥାନ ଓ ମେଘାଳୟ ପ୍ରଭୃତି ରାଜ୍ୟମାନେ ଉଭୟ ପେଟ୍ରୋଲ-ଡିଜେଲ ଉପରୁ ଭାଟ୍‌ରେ ହ୍ରାସ କରିଥିବା ଘୋଷଣା କରିଛନ୍ତି। ରାଜସ୍ଥାନ ସରକାର ଗତ ମାସରେ ଭାଟ୍ ଦର ୩୮% ଊଣଶ କରି ୩୬ କରିଥିଲେ। ଏହାପରେ ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗ ଉଭୟ ତୈଳଦର ଏକଟଙ୍କା ଊଣା କରିଛନ୍ତି। କୋଭିଡ୍ ପାଇଁ ଲଗାହୋଇଥିବା ପାଂଚ ଟଙ୍କାର ଟିକସ ହଟାଇ ଦିଆଯାଇଛି। ପେଟ୍ରୋଲ ଓ ଡିଜେଲ ଉପରୁ ସବୁଠାରୁ ଅଧିକ ଟିକସ କାଟ୍ କରିଥିବା ରାଜ୍ୟ ହେଉଛି ମେଘାଳୟ। ସେହି ରାଜ୍ୟ ସରକାର ପେଟ୍ରୋଲ ଲିଟର ପିଛା ୭.୪୦ ଊଣା କରିଥିବାବେଳେ ଡିଜେଲ ଦର ଲିଟରକୁ ୭.୧୦ କମାଇ ଦେଇଛନ୍ତି। ତାହା ବାଦ୍ ମେଘାଳୟ ସରକାର ଉଭୟ ତେଲ ଉପରେ ଥିବା ଭାଟ୍ ସର୍ବାଧିକ କମ୍ କରିଦେଇଛି। ଇତିମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଅଦୂର ଭବିଷ୍ୟତରେ ପେଟ୍ରୋଲ-ଡିଜେଲ ଦର କମିଯିମ ବୋଲି ଭବିଷ୍ୟବାଣୀ ଶୁଣାଇଛନ୍ତି। ତାଙ୍କ ହିସାବରେ ରାଜ୍ୟସମୂହ ଦେଖାଦେବ। ତୈଳ ଉପରେ ନିର୍ଭରଶୀଳ ନିର୍ମାଣ ଶିଳ୍ପ, ପରିବହନଠାରୁ ଆରମ୍ଭ କରି ଉତ୍ପାଦନ ଓ ନିର୍ମାଣ ଶୃଂଖଳ ପ୍ରଭାବିତ ହେଉଥିବାରୁ ସମସ୍ତେ ଚିନ୍ତା ଓ ଅବସାଦ ଭିତରେ ଥିବା ହେତୁ ମହଙ୍ଗା ତଥା ଅଭାବୀ ଅବସ୍ଥାର କିଭଳି ଅବସାନ ଘଟିବ; ତାହା ଉପରେ କର୍ତ୍ତୃପକ୍ଷ ବିଚାର କରୁଛନ୍ତି। ପରିବହନ ବ୍ୟୟ ବଢ଼ିଚାଲିଥିବାରୁ ଯାତ୍ରୀ ତଥା ମାଲ ମାହାସୁଲ୍ ବଢ଼ିଯାଉଛି। ପନିପରିବାଠାରୁ ଆରମ୍ଭ କରି ତେଜରାତି ଓ ଅନ୍ୟ ସମସ୍ତ ସାମଗ୍ରୀ ଅଗ୍ନିମୂଲ୍ୟ ହୋଇଛି। କରୋନା ସଂକ୍ରମଣର ନଗଦ ବିପଦରୁ ଦୂରେଇବା ସକାଶେ ଉପାୟ ପାଂଚିବା ଭିତରେ ଗୁଳା ବାହାରକୁ ଖସିଯାଇଥିବା ଅର୍ଥନୀତିକୁ ସଜାଡ଼ିବା ସକାଶେ ଦରକାର ପଡୁଛି ଯୋଜନାବଦ୍ଧ ଦୀର୍ଘମିଆଦୀ ପରିକଳ୍ପନା। ରାଜ୍ୟ ଓ କେନ୍ଦ୍ର ସରକାର ଦେଖାଦେଇଥିବା ସଙ୍କଟର ମୁକାବିଲା ପାଇଁ ଅଂଟା ଭିଡ଼ି ବାହାରିବା ଏକମାତ୍ର ରାସ୍ତା ଭଳି ପ୍ରତୀୟମାନ ହେଉଛି। ସେଥିପାଇଁ ନୀତି ଆୟୋଗ, ରିଜର୍ଭ ବ୍ୟାଙ୍କ ସମେତ ପ୍ରତିଷ୍ଠାନ ଅର୍ଥନୀତି ବିଶେଷଜ୍ଞମାନଙ୍କର ପରାମର୍ଶ ଲୋଡ଼ି ପରିଚାଳିତ ହେବେ ବୋଲି ଆଶା କରାଯାଏ।



ଡକ୍ଟର ଶ୍ରୀହରି ପଣ୍ଡା

# ଅଗିରା ପୁନେଇଁ

ଭାରତୀୟ ସଂସ୍କୃତିରେ ଅଗ୍ନି ହେଉଛନ୍ତି ଏପରି ଦେବତା ଯାହାଙ୍କର ବିଦ୍ୟମାନତା ସର୍ବତ୍ର ଅର୍ଥାତ୍ ଦ୍ୟୁ,ଅନ୍ତରୀକ୍ଷ ଏବଂ ପୃଥିବୀ ମଧରେ ଲକ୍ଷ୍ୟ କରାଯାଏ । ଦ୍ୟୁରେ ଜ୍ୟୋତିପିଣ୍ଡ,ଅନ୍ତରୀକ୍ଷରେ ବିଦ୍ୟୁତ୍ ଏବଂ ପୃଥିବୀରେ ଧୂମ୍ରରୂପେ ବା ଅଗ୍ନି ରୂପରେ ତାହାଙ୍କର ବିଚରଣତା ଲକ୍ଷ୍ୟ କରାଯାଏ । ଅଗ୍ନି ହେଉଛନ୍ତି ଏପରି ଦେବତା ଯାହାଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଜୀବଜଗତକୁ ମିଳୁଛି । ଅଗ୍ନି ଏକ ମାତ୍ର ଦେବତା ଯିଏ ନିଜ ଶରୀରକୁ କଷ୍ଟଦେଇ ଯଜମାନର ମଙ୍ଗଳ ନିମନ୍ତେ ଦଗ୍ଧିଭୂତ ହୋଇଥାନ୍ତି । "ସ୍ୱୟମେବ ପ୍ରହୀଭବନ୍ ଅଙ୍ଗ ସ୍ୱକୀୟ ଶରୀରଂ ନିୟତି କାଷ୍ଠଦାହେ ଚ ପ୍ରେରୟତି ଇତି ଅଗ୍ନିଃ ।"ଭିନ୍ନ ଏକ ବ୍ୟୁତ୍ପତ୍ତି ଅନୁସାରେ ଅଗ୍ନି ହେଉଛନ୍ତି ଏକମାତ୍ର ଦେବତା ଯିଏ ଯଜମାନ ଦ୍ୱାରା ପ୍ରଦତ୍ତ ହବିକୁ ସ୍ୱର୍ଗକୁ ନେଇଯାଆନ୍ତି । "ଅଙ୍ଗତି ଗଚ୍ଛତି ସ୍ୱର୍ଗ ହବିର୍ନେତୁଂ ଇତି ଅଗ୍ନି ।" ସଦା ଉର୍ଦ୍ଧ୍ୱ ଗତି ବୋଲି ନାମ ତାଙ୍କର ଅଗ୍ନି । ସବୁଥିରେ ସେ ଆଗୁଆ ବୋଲି ତାଙ୍କୁ ଅଗ୍ରୀ ବା ଅଗି ବୋଲି କୁହାଯାଏ । ଯେଉଁଠିକି ସେ ଯାଆନ୍ତି ସେ ସ୍ଥାନ ବିରୂପ ହୋଇଥାଏ । କାରଣ ସେ ସ୍ଥାନରେ ଥିବା କଳୁଷକୁ ନାଶ କରି ବା ବିରୂପ କରି ତା ସ୍ଥାନରେ ସତ୍ୟ ବା ପବିତ୍ରତାର ଜନ୍ମ ହୋଇଥାଏ। ସେ ସତ୍ୟର ବା ପବିତ୍ରତାର ପରୀକ୍ଷକ ଦେବତା ହୋଇଥିବାରୁ ତାଙ୍କ ଭିତରକୁ ଯାଉଥିବା ପ୍ରତ୍ୟେକ ଦ୍ରବ୍ୟର ମଳିଧୂଳି ନଷ୍ଟ ହୋଇଯିବା ସହିତ ତାହା ଅଧିକ ଜାଜ୍ଜ୍ୱଲ୍ୟମାନ ହୋଇଥାଏ । ବ୍ରହ୍ମ ପୁରାଣରେ ଅଗ୍ନିଙ୍କୁ ସକଳ ଲୋକର ଆଧାର ରୂପେ ଚିତ୍ରଣ କରାଯାଇଥିବା ବେଳେ ପ୍ରାଣୀର ବର୍ହିଦେଶରେ ଓ ଆଭ୍ୟନ୍ତରରେ ଅଗ୍ନିର ସ୍ଥିତି ସମ୍ପର୍କରେ ବର୍ଣ୍ଣନା ଦେଖିବାକୁ ମିଳେ । ଅଗ୍ନି ବିନା ଜୀବ ଜଗତର ସୃଷ୍ଟି ଅସମ୍ଭବ ଏବଂ ଜୀବନ ମଧ ତିଷ୍ଠି ରହିବା ଅସମ୍ଭବ ।

"ଅଗ୍ନିନା ଧ୍ରୀୟତେ ଲୋକା ହ୍ୱଗ୍ନି ଜ୍ୟୋତିର୍ମୟ ଜଗତ୍
ଅନ୍ତର୍ଜ୍ୟୋତି ସଏବୋକ୍ତଃ ପରଂଜ୍ୟୋତି ସ ଏବ ହି ।"

ସେଇଥିପାଇଁ ବୋଧେ ସେ ରାମାୟଣରେ ଶ୍ରୀରାମଙ୍କୁ ସୀତାଙ୍କର ପବିତ୍ରତାର ପ୍ରମାଣ ଦେଇଥିଲେ । ପୁରାଣ ତଥା ପ୍ରାଚୀନ ସାହିତ୍ୟମାନଙ୍କରେ ଅଗ୍ନିଦେବଙ୍କର ପ୍ରକାଶଶକ୍ତି,ପରୋପକାରିତା,ଶାନ୍ତି ଏବଂ ପବିତ୍ରତାର ଅନେକ ବ୍ୟାଖ୍ୟାନ ଦେଖିବାକୁ ମିଳେ । ଅଗ୍ନିର ଉପଯୋଗୀତାକୁ ଲକ୍ଷ୍ୟକରି ବୈଦିକ ଋଷିଗଣ ଏହାଙ୍କୁ ଉପାସ୍ୟ ଭାବେ ଅର୍ଚ୍ଚନା କରିବା ସହିତ ଅଗ୍ରଣୀ ହୋଇଥିବା ହେତୁ ପୁରୋହିତ ଭାବେ ମଧ ଆରାଧନା କରିଥିଲେ । ଏଥିପାଇଁ ଋକବେଦର ପ୍ରଥମ ଶ୍ଳୋକରେ ଅଗ୍ନିଙ୍କୁ ସମ୍ବୋଧନ କରାଯାଇଛି । ବୈଦିକ ସାହିତ୍ୟରେ ଏହାଙ୍କୁ ଜାତଦେବ, ସପ୍ତାର୍ଚ୍ଚି, ସପ୍ତଜିହ୍ୱ, ବୈଶାନର, ତନୁନପାତ, ସହସ୍ରସୃତ୍ର ଇତ୍ୟାଦି ନାମରେ ନାମିତ କରାଯାଇଥିବା ବେଳେ ସର୍ବତ୍ର ଗତି ବୋଲି ତିପସ୍ତ୍ୟ ବୋଲି ମଧ କୁହାଯାଏ । ଅରଣୀମନ୍ଥନ ଦ୍ୱାରା ଏହାଙ୍କୁ ବଳପୂର୍ବକ ଉତ୍ପନ୍ନ କରାଯାଉଥିବାରୁ ଏହାଙ୍କୁ ବଳପୁତ୍ର ମଧ କୁହାଯାଏ । ମହାଭାରତରେ ଅଗ୍ନିଙ୍କୁ ପବିତ୍ରତାର ସ୍ୱରୂପ ଭାବରେ ଗ୍ରହଣ କରାଯିବା ସହିତ ସୃଷ୍ଟି ହିତଲାଗି ତାଙ୍କର ତିନି ପୁତ୍ର ପାବକ,ପବମାନା ଓ ସୂଚୀଙ୍କର ଜନ୍ମ ହୋଇଥିଲା ବୋଲି କୁହାଯାଇଛି । ଯେଉଁସ୍ଥାନରେ ଅଗ୍ନିକୁ ସ୍ଥାପନ କରାଯାଇ ରଖାଯାଏ ତାହାକୁ କ୍ରବ୍ୟାଦ ବୋଲି କୁହାଯାଏ ।

ଏହି ମହାନ ଦେବଙ୍କ ଉତ୍ସବ ମାଘମାସ ପୂର୍ଣ୍ଣମୀରେ ଅନୁଷ୍ଠିତ ହୋଇଥାଏ ଯାହାକୁ ଅଗିରା ପୂର୍ଣ୍ଣମୀ ବା ଅଗ୍ନ୍ୟୁତ୍ସୋବ ବୋଲି କୁହାଯାଏ । ଏହି ପବିତ୍ର ଦିବସରେ ପବିତ୍ରତାର ସାକ୍ଷୀ ଅଗ୍ନିଙ୍କର ଆରାଧନା ସମଗ୍ର ଦେଶରେ ମହାନନ୍ଦରେ ପାଳିତ ହୋଇଥାଏ । ଏଥିପାଇଁ ବିଶେଷତଃ ଗାଁଗଣ୍ଡାରେ ଉତ୍ସାହ ପ୍ରବଳ ମାତ୍ରାରେ ଦେଖାଯାଏ । ଗାଁର ଲୋକମାନେ ଅଗ୍ନିଦେବତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଛୋଟ ଏବଂ ବଡ କୁଟାକାଠି,ନଡାର ଗଦା କରନ୍ତି । ତା'ପୂର୍ବରୁ ସ୍ଥାନଟି ଗୋବରରେ ଲିପାପୋଛା କରି ଚିତାକାଟି ଆସ୍ଥାନ କରିଥାନ୍ତି । ସେହି ସ୍ଥାନରେ ଗାଁର ପ୍ରାୟ ପ୍ରତ୍ୟେକଙ୍କ ଘରୁ ନଡା ବା କୁଟା ଅଣାଯାଇ ସେଠାରେ ଗଦା କରାଯାଇଥାଏ । କହିବାକୁ ଗଲେ ପ୍ରତ୍ୟେକ ଲୋକ ନିଜ ଇଛାରେ ନଡା ଆଣି ସେଠାରେ ଗଦା କରିଥାନ୍ତି । ବ୍ରାହ୍ମଣ ଡାକି ନୈବେଦ୍ୟ ଅର୍ପଣ କରାଯିବା ସହିତ ସଂକୀର୍ତ୍ତନ କରାଯାଏ। ତାହାରି ମଧରେ କମାରଶାଳରୁ ଆସିଥିବା ଅଗ୍ନିଙ୍କୁ ଦୁଇଟିଯାକ ଗଦାରେ ରଖାଯିବା ସହ ଅଗ୍ନି ପ୍ରଜ୍ୱଳିତ କରାଯାଏ। ଗଦା ହୁ ହୁ ହୋଇ ଜଳି ଉଠେ । ଯେଉଁଦିଗକୁ ଅଗ୍ନିର ଝାସ ଟଳେ ବା ଝାସଯାଏ ଏସହି ଦିଗରେ ଧାନ ଭଲ ହୋଇଥିବା କଥା ବିଶ୍ୱାସ କରାଯାଏ । ଗାଁର ପ୍ରତ୍ୟେକ ଗୃହସ୍ଥ ଅଗ୍ନିରେ ଘୃତ ପକାଇବା ସହିତ ଘରୁ ଆଣିଥିବା ବାଇଗଣ,ଆଳୁ ଇତ୍ୟାଦି ପରିବା ନିଆଁକୁ ପକାନ୍ତି ଏବଂ ତାହା ସିଦ୍ଧ ହେଲା ପରେ ତାହାକୁ ସଂଗ୍ରହ କରିବା ସହିତ ମୁଠେ ଅଗିପାଉଁଶ ସଂଗ୍ରହ କରି ଘରକୁ ଆଣନ୍ତି। ପୋଡା ପରିବାକୁ ପ୍ରସାଦ ଭାବରେ ପରିବାର ସମସ୍ତେ ପାଇବା ବେଳେ ପାଉଁଶକୁ କମାରରେ ପକାଇ ଧାନର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରାଯାଏ । ବିଶ୍ୱାସ ଅଛି ଯେ,ଏହି ଅଗିପାଉଁଶ ଦ୍ୱାରା କମାରର ଧାନ ବୃଦ୍ଧି ହୋଇଥାଏ । ତା'ପରଦିନ ଗାଁର ଝିଅମାନେ ଅଗି ପାଉଁଶଠାରେ ଭୋଗଲାଗି କରିବା ସହିତ ପାଉଁଶ ପରିଷ୍କାର କରି ଗାଁର ପରିମଳକୁ ଠିକ କରନ୍ତି। ନିଜର ଏହି ଉତ୍ସବ ମାଧ୍ୟମରେ ଗୃହସ୍ଥ ଅଗ୍ନିଦେବଙ୍କୁ ସନ୍ତୁଷ୍ଟ କରି ବର୍ଷକ ନିମନ୍ତେ ଅଗ୍ନିଙ୍କ କୋପ ଦୃଷ୍ଟିରୁ ନିଜକୁ ରକ୍ଷା କରିବା ସହିତ ଉଚିତ ସମୟରେ ବର୍ଷା ନମନ୍ତେ ପ୍ରାର୍ଥନା କରିଥାଏ ।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

ଶରତ କୁମାର ଦାସ

# କୋଟିଆ ବିବାଦ ଓ ତା'ର୍ ସମାଧାନ

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଦେଶରେ ସୀମାକୁ ନେଇ ବିବାଦ ଉପୁଜିଥିବା ବେଳେ ଆମ ରାଜ୍ୟ ଓଡିଶା ଏଥିରୁ ମଧ ମୁକ୍ତ ନୁହେଁ । ଆନ୍ଧ୍ର ସରକାରଙ୍କର ବିସ୍ତାରବାଦୀ ନୀତି ତଥା କୋଟିଆ ଅଧିବାସୀଙ୍କ ସୁବିଧାବାଦୀ ମାନସିକତା ଫଳରେ ଏହି ଅଂଚଳ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏକ ପାର୍ଶ୍ୱରେ ଓଡିଶା ସରକାରଙ୍କର ସୀମାନ୍ତ ଅଂଚଳ ପ୍ରତି ବୈମାତୃକ ମନୋଭାବ ସହିତ ପ୍ରଶାସନିକ ଅବହେଳା ଓ ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ସରକାରଙ୍କ କୋଟିଆ ଅଂଚଳର ଲୋକଙ୍କୁ ବିଭିନ୍ନ ଭାବରେ ପ୍ରଲୋଭିତ କରିବାର ଚେଷ୍ଟା କାରଣରୁ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ବିବାଦ ଦିନକୁ ଦିନ ତୀବ୍ର ରୂପ ଧାରଣ କରିବା ସହିତ ଏ ସଂକ୍ରାନ୍ତରେ ମାନ୍ୟବର ଉଚ୍ଚତମ ନ୍ୟାୟଳୟଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି । ସମସ୍ୟାର ସମାଧାନ ତଥା ବର୍ତ୍ତମାନର ସ୍ଥିତି ନିରୀକ୍ଷଣ ନିମନ୍ତେ ରାଜନେତା ସମେତ ପ୍ରଶାସନିକ ଅଧିକାରୀମାନଙ୍କ ସୁଅ ଛୁଟୁଛି । ବିଳମ୍ବରେ ହେଲେ ମଧ ସରକାରଙ୍କର ନିଦ ଭାଙ୍ଗିଛି । ତରବରିଆ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସଂପୃକ୍ତ ଅଂଚଳର ସାମଗ୍ରିକ ବିକାଶ ନିମନ୍ତେ ୧୫୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ଏହାର ପ୍ରମାଣ ଅଟେ ।

ଆନ୍ଧ୍ର-ଓଡିଶା ସୀମାନ୍ତରେ ଥିବା କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ପଂଚାୟତ ୨୮ ଟି ଗ୍ରାମକୁ ନେଇ ଗଠିତ । ସେଥିରୁ ୨୧ ଟି ଗ୍ରାମ ଆନ୍ଧ୍ର ଓ ଓଡିଶାର ସୀମା କୁ ଲାଗିରହିଛି । ଏହି ୨୧ ଟି ଗ୍ରାମ ଉପରେ ଆନ୍ଧ୍ର ସରକାରଙ୍କର ଲୋଲୁପ ଦୃଷ୍ଟି । ଏହି ସମସ୍ୟା ଏବେକାର ନୁହେଁ । ଦୀର୍ଘ ୫ ଦଶନ୍ଧି ଧରି ଏହି ସୀମା ବିବାଦ ଚାଲିରହିଛି ଓ ଆନ୍ଧ୍ର ସରକାର କଳେ ବଳେ କୌଶଳେ ସଂପୃକ୍ତ ଅଂଚଳରେ ନିଜର ଆଧିପତ୍ୟ ଜାହିର କରିବା ପାଇଁ ପ୍ରୟାସ ଜାରି ରଖିବା ଏକ ନିନ୍ଦନୀୟ ଘଟଣା ନିଶ୍ଚୟ । ୧୯୬୮ ରୁ ଏ ବିବାଦ ମାନ୍ୟବର ସୁପ୍ରିମକୋର୍ଟରେ ବିଚାରଧିନ ଥିବାବେଳେ ପ୍ରକୃତ ସମସ୍ୟାର ସମାଧାନ ନିମନ୍ତେ ଉଭୟ ରାଜ୍ୟ ସରକାରଙ୍କ କୋଉଠି ନା କୋଉଠି ଆନ୍ତରିକତାର ଅଭାବ ପରିଲକ୍ଷିତ ଦେଖିବାକୁ ମିଳୁଛି । ସମସ୍ୟାର ସମାଧାନ ପରିବର୍ତ୍ତେ ସୀମାନ୍ତରେ ବିକାଶ ନାଆଁ ରେ ଡିଣ୍ଡିମ ପିଟିବା କିତେଦୂର ଯୁକ୍ତିଯୁକ୍ତ ତାହା ଅବଶ୍ୟ ବିଚାରଯୋଗ୍ୟ। ସୁନା, ରୁପା, ମାଙ୍ଗାନିଜ୍, ପ୍ଲାଟିନମ୍, ଗ୍ରାଫାଇଟ୍, ବକସାଇଟ ପ୍ରଭୃତି ପ୍ରାକୃତିକ ସମ୍ପଦରେ ଭରପୁର ପାହାଡ ପର୍ବତ ଘେରା କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ସରକାର ନିଜର ଆଧିପତ୍ୟ ବିସ୍ତାର କରି ସଂପୃକ୍ତ ଅଂଚଳକୁ ନିଜର କରି ରଖିବାକୁ ସତେ ଯେପରି କସରତ ଆରମ୍ଭ କରିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

କୋଟିଆର ଭୌଗୋଳିକସ୍ଥିତି ତଥା ଐତିହାସିକ ତଥ୍ୟ ଯଦି ବିଚାରକୁ ନିଆଯାଏ ତେବେ ଏହି ଅଂଚଳଟି ସଂପୂର୍ଣ୍ଣ ଭାବେ ଓଡିଶାର ବୋଲି କୁହାଯାଇପାରେ । ବର୍ତ୍ତମାନର ରାଜ୍ୟ ସରକାର କୋଟିଆର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅନେକ ପଦକ୍ଷେପ ନେଉଥିବା ବେଳେ ପ୍ରଶାସନିକ ଅବହେଳା ଅବା ପ୍ରକୃତ ବିକାଶ ପାଇଁ ରାଜନୈତିକ ଇଚ୍ଛାଶକ୍ତି ର ଅଭାବ ହୁଏତ କୋଟିଆ ଅଂଚଳର ଅଧିବାସୀମାନଙ୍କୁ ଆନ୍ଧ୍ରାଭିମୁଖୀ କରିବାରେ ଅନେକାଂଶରେ ଦାୟୀ ବୋଲି କୁହାଯାଇ ପାରେ । ରାସ୍ତା ଘାଟ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ସରକାର ସେଠାକାର ବିକାଶ ପ୍ରକ୍ରିୟାରେ ହାତମିଳାଇଥିଲେ ମଧ କୋଟିଆର ଅଧିବାସୀ କାହିଁକି ଯେ ଆନ୍ଧ୍ର ମୁହାଁ ହେଉଛନ୍ତି ତାହାର କାରଣ ପ୍ରଥମେ ଖୋଜିବାକୁ ପଡିବ। ପ୍ରକୃତରେ ସେଠାକାର ଲୋକ କ'ଣ ଚାହାଁନ୍ତି ତାହା ମଧ ପ୍ରାଥମିକତା ଆଧାରରେ ବିଚାର କରିବା ଆବଶ୍ୟକ । ପୂର୍ବରୁ କୋଟିଆ ଗୋଟିଏ ପଂଚାୟତରେ ଥିବାବେଳେ ଆନ୍ଧ୍ର ସରକାର ନିଜର ଫାଇଦା ଉଦ୍ଦେଶ୍ୟରେ ଲୋକସଂଖ୍ୟାକୁ ଗୁରୁତ୍ୱ ନଦେଇ ଏତେ ଛୋଟ ପଂଚାୟାତକୁ ବର୍ତ୍ତମାନ ୪ ଟି ପଂଚାୟତ ଯଥା- ତଳଗଂଜେଇପଦର, ଫଗୁଣସିନେରୀ, ଫାଟୁସିନେରୀ ଓ ରଣାସିଂ ଆଦି ରେ ବିଭକ୍ତ କରି ନିଜର ସ୍ଥିତି ଜାହିର କରିଛି । ଏହାର ଅଧିବାସୀମାନେ ମଧ ଉଭୟ ରାଜ୍ୟ ଠାରୁ ସୁବିଧା ପାଉଛନ୍ତି । ଉଭୟ ସରକାରଙ୍କ ଠାରୁ ରାସନ୍ କାର୍ଡ୍, ଆଧାର କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଭୟ ରାଜ୍ୟର ସୁବିଧା ହାତେଇବାରେ ବ୍ୟସ୍ତ । ଉଦାହରଣ ସ୍ୱରୂପ ବିବାଦୀୟ ଗ୍ରାମବାସୀ ଓଡିଶାର ୫୦୦ ଟଙ୍କା ପରିବର୍ତ୍ତେ ଅନ୍ଧ୍ରର ୨୨୫୦ ଟଙ୍କା , ଓଡିଶାର ୫ କିଲୋ ଚାଉଳ ପରିବର୍ତ୍ତେ ଆନ୍ଧ୍ରର ୩୫ କିଲୋ ତଥା ଅନ୍ୟାନ ସୁବିଧା ଉପଭୋଗ କରୁଛନ୍ତି । ଆନ୍ଧ୍ର ସରକାର ସଂପୃକ୍ତ ଅଂଚଳରେ ବ୍ୟକ୍ତିଗତ ବିକାଶକୁ ଗୁରୁତ୍ୱ ଦେବା ଫଳରେ ସେଠାରେ ସାମୂହିକ ବିକାଶ ବାଧାପ୍ରାପ୍ତ ହେଉଛି । ପୁନଶ୍ଚ ସେଠାକାର ଲୋକମାନଙ୍କର ସୁବିଧାବାଦୀ ଚିନ୍ତାଧାରା କାରଣରୁ ସାମୂହିକ ବିକାଶ ବାଧାପ୍ରାପ୍ତ ହେବାର ଲକ୍ଷ୍ୟ କରାଯାଏ। କେଉଁ ସରକାର କେଉଁ ସୁବିଧା ଯୋଗାଉଛି ସେ ସମ୍ପର୍କରେ ଜାଣିବାର ନା ସେମାନଙ୍କର କୌଣସି ଆଗ୍ରହ ଅଛି ନା କିଛି ଦାୟିତ୍ୱ ଅଛି। ଯେଉଁଥିପାଇଁ ଆନ୍ଧ୍ର ସରକାର ସେଠାକାର ଲୋକମାନଙ୍କୁ ମୋହରା ବନେଇ ନିଜର ବିସ୍ତାରବାଦୀ ନୀତିକୁ ସଫଳ କରିବାରେ ସମର୍ଥ ହେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

କୋଟିଆ ଅଧିବାସୀଙ୍କ କହିବା କଥା ହେଲା ସେମାନଙ୍କର ଜୀବନ ଜୀବିକା ପାଇଁ ବ୍ୟକ୍ତିଗତ ସୁବିଧା ହିଁ ମୂଳ । କେଉଁ ସରକାର କ'ଣ କଲା ସେମାନଙ୍କର କିଛି ଚିନ୍ତାକରିବାର ଆବଶ୍ୟକତା ନାହିଁ । ସେଠାକାର ଲୋକମାନଙ୍କର ଏହିଭଳି ସୁବିଧାବାଦୀ ମନ୍ତବ୍ୟ ଆନ୍ଧ୍ର ସରକାରଙ୍କୁ ସଂପୃକ୍ତ ଅଂଚଳକୁ ନିଜ ହାତକୁ ନେବାକୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରୁଛି । ବହୁତ ଦିନ ଆଗରୁ ସେମାନେ ଉଭୟ ରାଜ୍ୟ କରୁଥିବା ନିର୍ବାଚନରେ ଭାଗ ନେଉଛନ୍ତି ଓ ଭୋଟ୍ ମଧ ଦେଉଛନ୍ତି । ଓଡିଶାର ସାଧାରଣ ଓ ପଂଚାୟାତ ନିର୍ବାଚନ ସମୟରେ ଓଡିଶାର ଅଧିବାସୀ ରୂପେ ଭାଗ ନେଉଥିବା ବେଳେ ଆନ୍ଧ୍ରପ୍ରଦେଶର ସାଧାରଣ ଓ ପଂଚାୟାତ ନିର୍ବାଚନ ସମୟରେ ଆନ୍ଧ୍ରର ଅଧିବାସୀ ରୂପେ ନିର୍ବାଚନରେ ଭାଗନିଅନ୍ତି । ଅବଶ୍ୟ ଏଠାର ପୂର୍ବରୁ ନିର୍ବାଚନ ଅପ୍ରତିଦ୍ୱନ୍ଦୀ ହେଉଥିବାରୁ ଏ ବିଷୟରେ କେହି ଜାଣିପାରୁ ନଥିଲେ । ମାତ୍ର ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ହେଉଥିବାରୁ କୋଟିଆର ବାସ୍ତବ ଚିତ୍ର ଦାଣ୍ଡରେ ପଡି ହାଟରେ ଗଡୁଛି ।

ଆନ୍ଧ୍ର ସରକାର ଏତେ ଛୋଟ ଅଂଚଳ କୋଟିଆକୁ ୪ ଟି ପଂଚାୟାତ ରେ ବିଭକ୍ତ କରି ବିକାଶର ଧାରା ହାତକୁ ନେଇଥିବା ବେଳେ ଓଡିଶା ସରକାର ନୀତିନିୟମ ଆଳରେ ସେଇ ଗୋଟିଏ ପଂଚାୟାତ ରେ ଆଜି ପର୍ଯ୍ୟନ୍ତ ବାନ୍ଧି ରଖିଛନ୍ତି । ସେ ଯାହା ହେଉନା କାହିଁକି ବର୍ତ୍ତମାନ ପ୍ରଶ୍ନ ଉଠେ କୋଟିଆ ପ୍ରକୃତରେ କାହାର ? ଯଦି ଓଡିଶାର ତେବେ ସରକାର କାହିଁକି ଏ ଦିଗରେ ଯଥେଷ୍ଟ ପୂର୍ବରୁ ଯତ୍ନବାନ ହେଲେନି ? ଦୁଇ ରାଜ୍ୟର ସାଧାରଣ ଓ ପଂଚାୟାତ ନିର୍ବାଚନରେ ଭାଗ ନେବା ସେଠାକାର ଅଧିବାସୀଙ୍କ ପାଇଁ ଆଦୌ ନୂଆ ନୁହେଁ। ଏ ବିଷୟରେ ସରକାର ଆଗରୁ ଜାଣିପାରିଲେନି କିପରି ? ପ୍ରକୃତରେ ଯଦି ସରକାରଙ୍କର ଅଜ୍ଞତା ତେବେ ଏ ଦୋଷ କାହାର ? ସେଠାକାର ଜିଲ୍ଲା ପ୍ରଶାସନର ସଂପୂର୍ଣ୍ଣ ଅବହେଳା କୁହାଯାଇପାରେ । ନେଡି ଗୁଡ କହୁଣିକୁ ବୋହିଗଲା ପରେ ନିଦ୍ରା ଭଙ୍ଗ ହେବା ବାସ୍ତବିକ ଏକ ଗଣତାନ୍ତ୍ରିକ ତଥା ଉତ୍ତରଦାୟୀ ସରକାରଙ୍କ ପାଇଁ ହାସ୍ୟାସ୍ପଦ ଘଟଣା ନୁହେଁ କି ? ନିକଟରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବି.ଜେ.ପି ର ଏକ ଟିମ୍ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ କୋଟିଆକୁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଆନ୍ଧ୍ରପ୍ରଦେଶ ରାଜ୍ୟର ଜିଲ୍ଲାପାଳ ଓ ଏସ୍ .ପି ପ୍ରଭୃତିଙ୍କୁ ଦେଖି ବିସ୍ମିତ ହୋଇଛନ୍ତି । ସେଠାକାର ସ୍ଥିତି ଅନୁଧାନ କରି ଫେରି ଆସିବା ସହିତ କୋଟିଆର ସାମ୍ପ୍ରତିକ ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । କେବଳ ଲୋକମାନଙ୍କୁ କିଛି ଶସ୍ତା ସୁବିଧା ଯୋଗାଇଦେଲେ ଚଳିବ ନାହିଁ, ପ୍ରକୃତ ବିକାଶ ପାଇଁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦରକାର ବୋଲି ବିଭିନ୍ନ ମହଲରେ ଯୁକ୍ତି ଉପସ୍ଥାପନ କରାଯାଉଛି ।

ତେବେ ବର୍ତ୍ତମାନର ଘଡିସଂଧି ମୁହୂର୍ତ୍ତରେ ସମସ୍ୟାଟିକୁ ଚତୁରତା ତଥା ବୁଦ୍ଧିମତ୍ତାର ସହିତ ସମାଧାନ କରାଯିବା ଆବଶ୍ୟକ । ଘଟଣାଟି ରାଜନୈତିକ ରଙ୍ଗରୁ ସଂପୂର୍ଣ୍ଣ ରୂପେ ମୁକ୍ତି ହେବା ମଧ ବାଂଛନୀୟ । ରାଜନୈତିକ ଫାଇଦା ପାଇବା ଆଶାରେ ବିବାଦଟିକୁ ଚାଲୁରଖିଲେ କାହାର ଏଥିରେ ଲାଭ ହେବନି । ବର୍ତ୍ତମାନ ପରସ୍ପର ଉପରେ କାଦୁଅ ଫିଙ୍ଗିବା ବା ଆରୋପ ପ୍ରତ୍ୟାରୋପ କରିବାର ସମୟ ନୁହେଁ ।ବାସ୍ତବତାକୁ ଅନୁଧାନ କରିବା ପୂର୍ବକ ସ୍ଥିତି ସମୀକ୍ଷା କରିବାର ଆବଶ୍ୟକତା ଅଛି । ଗୋଟିଏ ରାଜ୍ୟର ସୀମା ସୁରକ୍ଷା ସେହି ରାଜ୍ୟର ସରକାର ତଥା ସଂପୃକ୍ତ ଅଧିବାସୀଙ୍କ ପାଇଁ ସ୍ୱାଭିମାନ ତଥା ଅସ୍ମିତାର ପ୍ରଶ୍ନ। ଓଡିଶା ମାଟିରେ ଆନ୍ଧ୍ର ଯେଉଁଭଳି ଭାବେ ପଂଚାୟାତ ନିର୍ବାଚନ କଲା ତାହା ବାସ୍ତବିକ ଓଡିଶା ପାଇଁ ଲଜ୍ଜା ତଥା କଳଙ୍କିତ ଅଧ୍ୟାୟ ବୋଲି କୁହାଯାଇପାରେ । ଏପର୍ଯ୍ୟନ୍ତ ସଢେଇକଳା ଓ ଖରସୁଆଁ ଭଳି ଦୁଇଟି ଅଂଚଳକୁ ହରାଇବାର ଦୁଃଖଦ ଅନୁଭୂତି ଆମ ସମସ୍ତ ସ୍ୱାଭିମାନୀ ଓଡିଆଙ୍କ ମାନସପଟରେ ତାଜା ହୋଇ ରହିଥିବାବେଳେ କୋଟିଆର ସୀମା ସୁରକ୍ଷା ପ୍ରସଙ୍ଗ ଆଲୋଚନା ଗୁରୁତ୍ୱ ବହନ କରିବା ସ୍ୱାଭାବିକ । ଆଶା କରାଯାଏ ନିଜ ମାଟିର ସୁରକ୍ଷା ପାଇଁ ଆମ ରାଜ୍ୟ ସରକାର ଆବଶ୍ୟକ କଠୋର ପଦକ୍ଷେପ ଗ୍ରହଣ କରିବା ସହିତ ନିଜ ରାଜ୍ୟର ଗୌରବ ତଥା ଅଖଣ୍ଡତା ରକ୍ଷାକରିବାରେ ସମର୍ଥ ହେବେ ବୋଲି ବୁଦ୍ଧିଜୀବୀ ତଥା ସାଧାରଣ ମହଲରେ ଆଲୋଚନା ହେଉଛି ।

+ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

କବିତା କୋଣାର୍କ

## ଅଧୀନ ଜନତା ସ୍ୱାଧୀନ ନେତା

ଅମରନାଥ ବାରିକ୍



ସ୍ୱାଧୀନ ଦେଶରେ ଅଧୀନ ହେଲେ
ଗରିବ ମଳି ମୁଣ୍ଡିଆ
ନେତା ରଖନ୍ତି ତାଙ୍କ ହାତରେ
ଆମେ ତାଙ୍କ ମୂଲିଆ ।

ନିଜକୁ ଦ୍ୱିତୀୟ ଈଶ୍ୱର ଭାବି
ଚଳନ୍ତି ଏହି ସଂସାରେ
ଯାହା ହେଉଛି ତାଙ୍କ ଦୟାରେ
କୁହନ୍ତି ଯେ ସଭାରେ ।

ଯାହା ଅନୁଦାନ ଆସେ ଆମର
ଦିଅନ୍ତିନି ସେ ପତା
ଆମେ ତାଙ୍କର ଦୟାର ପାତ୍ର
ସିଏ ଆମର ଦାତା ।

ନେତା ଖାଆନ୍ତି ପାଚେଲା ପଣସ
ଗରିବ ମୁଣ୍ଡରେ ଅଠା
ରାଜନୀତିର ଖେଳ ଏ ପରା
ଖେଳନ୍ତି କରି ମୁଠା ।

ଆସିଲେ ଭୋଅଟ ନେବାର ବାରି
କରନ୍ତି ଅନେକ ଗେଲ
ଭୋଟ ସରିଲେ କିଏ କାହାର
ତାଙ୍କ ପଛରେ ବୁଲ ।

ରାଜନୀତି ଏବେ କୂଟନୀତିରେ
ଭ୍ରଷ୍ଟାଚାର ପାଲଟିଣ
ବ୍ୟାପି ଯାଇଛି ସାରା ଜଗତେ
ନେତାଙ୍କର ଏ ଗୁଣ ।

ସବଳ ଅଧୀନେ ଦୁର୍ବଳ ରୁହେ
ରହିଛି କଥା ଜଗତେ
ଏହା ଅନ୍ୟଥା ପ୍ରମାଣ ନୁହେଁ
ଗୋଟିକେ ଗୋଟି ବିତେ ।

ଧର୍ମରେ ଜୟ ଅଧର୍ମର କ୍ଷୟ
ଘଟିବ ନିଶ୍ଚୟ ଦିନେ
ପରାଜୟ ହେବ କୂଟନୀତିର
ଧର୍ମର ଆଗମନେ ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫

କବିତା କୋଣାର୍କ

## ବସନ୍ତ ଉତ୍ସବ

କସ୍ତୁରୀ ଚରଣ ରାଉତ



ଶୀତ ମାଉସୀ ଯାଉଛି ଧୀରେ
କହିସାରି ତା' କଥା
ଧରା ବୁକୁରେ ଥାପଇ ପାଦ
ବସନ୍ତ ଟେକି ମଥା ।

ନ ଥାଏ ଶୀତ ନ ଥାଏ ମେଘ
ଟାଣ ଲାଗେନି ଖରା
ଥୁଣ୍ଟା ଗଛରେ କଅଁଳେ ପତ୍ର
ହସି ଉଠଇ ଧରା ।

ପଳାଶ ଫୁଲ ମନକୁ ମୋହେ
ଦେଖାଇ ତା'ର ଠାଣି
ଆମ୍ବ ବଉଳ ମଧୁର ବାସ
ନିଅଇ ମନ ଟାଣି ।

ପଞ୍ଚମ ସୁରେ କୋଇଲି ଗାଏ
ଆମ୍ବ ଡାଳରେ ବସି
ପିଲାଙ୍କ ମନ ହୁଏ ଉଚ୍ଛନ୍ନ
ଦେଖିଲେ ଆମ୍ବ କଷି ।

ପଞ୍ଚୁଦୋଳରେ ରାଧାମାଧବ
ନିଜ ଠିକଣା ଭୁଲି
ମନ ଖୁସିରେ ଖେଳନ୍ତି ହୋଲି
ଘରକୁଘର ବୁଲି ।

ଛୁଆଠୁ ବୁଢା ବିଭୁ ପ୍ରେମରେ
ହୋଇଣ ସବୁ ବାଇ
ରଙ୍ଗ ଖେଳରେ ଯାଆନ୍ତି ମାତି
ସଙ୍ଗତେ ଶ୍ୟାମରାଇ ।

ପ୍ରେମେ ବିଭୋର ରାଧିକାରାଣୀ
କୃଷ୍ଣଙ୍କ କୋଳେ ଶୋଇ
ଫଗୁଣ ହସେ ଫଗୁ ବରଷେ
ଭାବରେ ବାନ୍ଧି ହୋଇ ।

ପିଚକାରିର ରଙ୍ଗ ସହିତ
ହୃଦ ମନ୍ଦିର ଖୋଲି
ଦୋଳ ମେଳଣ ପଡିଆ ପରେ
ଖେଳନ୍ତି ଯାଇ ହୋଲି ।

ଭବ ଦୁଃଖକୁ ଭୁଲି ଅଚିରେ
କୃଷ୍ଣ ପ୍ରେମରେ ହଜି
ମଧୁମିଳନ ଦର୍ଶନେ ଭକ୍ତ
ଭକ୍ତିରେ ଯାଏ ମଜ୍ଜି।

+ସତ୍ୟବାଦୀ ହାଇସ୍କୁଲ୍'ବଲାଙ୍ଗିର
ମୋ.୮୯୧୭୩୯୭୩୪୮

## ଗୋଲାପ- ଏକ ଉପହାର

ତପନ କୁମାର ସାହୁ



ମୋର ହୃଦୟରେ ବହୁଥିବା
ରକ୍ତରଙ୍ଗ ରେ ପ୍ରସ୍ଫୁଟିତ ଗୋଲାପ
ପ୍ରତ୍ୟେକ ପାଖୁଡ଼ାରେ ଭରିଛି
ମୋ ସ୍ନେହ, ପ୍ରେମ, ଓ ଅଗାଢ
ବିଶ୍ୱାସର ମହକ !

ମୋ ମନର ମୁକ୍ତ ବଗିଚାରେ
ସ୍ୱପ୍ନର ପାରିଜାତ ସଦୃଶ୍ୟ
ମୋ ଓଠ ବଖାଣୁ ଥିବା
ପ୍ରେମ ଶବ୍ଦରେ ସେ ମନ୍ତ୍ରିତ
ମୋ ପ୍ରେମ ଆୟୁଷ ଓଁକାରରେ
ଗଢା ତାର ପିଣ୍ଡ
ସେ ଝଲସୁଛି ମୋ
ଅନ୍ତଃପୁର ସୂର୍ଯ୍ୟ ପରି
ବିଞ୍ଚୁଛି ସୁନେଲୀ କିରଣ !

ଆଜି ସେହି ବହୁ ଆକାଂକ୍ଷିତ ଦିନ
ହୃଦୟର ଭାବନାକୁ
ମୋ ଦେହର ସୁମଧୁର ଦହନକୁ
ପ୍ରଜ୍ୱଳିତ ବହ୍ନିକୁ
ବାଣ୍ଟିବାର ମୁହୂର୍ତ୍ତ
ଖୋଲିଦେବି ହୃଦୟର ବନ୍ଦ୍ ଦ୍ୱାର
ଯୋଉଠି ସାଇତା ପ୍ରେମର ସଜ ସଜ
କଢ଼ିରୁ ସାଜିଛି ସେ ପ୍ରେମର ପ୍ରତୀକ !

ନିଅ ପ୍ରିୟେ
ସମର୍ପିଲି ମୋ ହୃଦୟକୁ
ଗୋଲାପ ରୂପେ
ଗୋଟାପଣେ ଆଜିଠୁ ମୁ ତୁମର
ରଖିବ ଲୁଚେଇ ହୃଦୟ
ଡାଏରୀରେ ତୁମ
ଯେବେ ଖୋଲିବ ଡାଏରୀ
ବାସୁଥିବ ଖାଲି ପ୍ରେମ ପ୍ରେମ
ପ୍ରେମ......।

+ବେଲଗାଁ,କଳାହାଣ୍ଡି
ମୋ:୯୦୧୯୩୧୧୮୬୮

# କଥା ଚିତ୍ରର କଥା...



## ଦିଲ୍ଲୀପ ହାଲି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭଲ ନିର୍ଭରଶୀଳ ବିତରକ ନଥିବା ହେତୁ ଏମାନଙ୍କ ଏକଛତ୍ରବାଦ କାର୍ଯ୍ୟ ବହୁବର୍ଷ ଧଣି ଚାଲୁରହିଛି। ଏମାନେ ପର ପଇସାରେ ବିତରକ! କିଛି ଅର୍ଥ ଶେଷ ପର୍ଯ୍ୟାୟରେ ପ୍ରଯୋଜକଙ୍କୁ ଅସମୟରେ ଦେଇ ତାର ପୂର୍ଣ୍ଣ ଫାଇଦା ମାରନ୍ତି ପରେ ପ୍ରଯୋଜକଙ୍କୁ ଭୁଲ୍ ହିସାବ ଦର୍ଶାଇ ମାରଣନୀତି କରନ୍ତି। ଓଡ଼ିଶାରେ ଭଲ ବିତରଣ ବ୍ୟବସ୍ଥା ସୃଷ୍ଟି ନହେଲେ ଏକଛତ୍ରବାଦ କରି ପ୍ରେକ୍ଷାଳୟ ମାଲିକମାନଙ୍କ ସହ ସଲାସୁତୁରା ସାଜିଥିବା ବିତରକମାନେ କଂସେଇଖାନାରେ ଛେଳି ମାରିବା ପରି ପ୍ରଯୋଜକ ମାନଙ୍କ ଅର୍ଥ ବାଟମାରଣ କରି ଅମାନୁଷିକ ଭାବେ ମାରିଚାଲିବେ। ବିତରକମାନଙ୍କର ଅନୁତାପ ଓ ଅନୁଶୋଚନା ନାହିଁ। 'ଜୋକ' ପରି ରକ୍ତ ଟାଣିବା ଅଭ୍ୟାସଗତ ଭୂମିକା। ସଂପ୍ରତି ଓଟିଡି ଫର୍ମରେ ଚଳଚ୍ଚିତ୍ର ଶୁଭମୁକତି ଫଳନର ବିତରକମାନଙ୍କ ଅବସ୍ଥା ସଂଗୀନ ହୋଇ ପଡ଼ିଛି।

ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜକମାନଙ୍କ ଚଳଚ୍ଚିତ୍ର ସମୂହକୁ ଅଭିଲେଖାଗାର ନାଁରେ ଅନ୍ୟ ଏକ ଦଳ ମସୁଧା ଚଳାଇଛନ୍ତି। ଚଳଚ୍ଚିତ୍ର ଉନ୍ନୟନ ନିଗମ ଫେଲ ମାରିବା ପରେ ସଂସ୍କୃତ ବିଭାଗରେ କିଛି ବ୍ୟକ୍ତି ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କ ମାଧ୍ୟମରେ ଟଙ୍କା ଲୁଟର ଆଉ ଏକ ଅଭିନବ ଯୋଜନା। ଏହି ଚଳଚ୍ଚିତ୍ର ଗୁଡ଼ିକ ଅଭିଲେଖାଗାରରେ ଅଭିଯୋଗ ମୁକତ ହୋଇ ରହିବ ନାହିଁ। ଏହି ଚଳଚ୍ଚିତ୍ର ଗୁଡ଼ିକ କପି ହୋଇ ଅନ୍ୟାନ୍ୟ ଚ୍ୟାନେଲ ଗୁଡ଼ିକ ବିକ୍ରି ପୁଣି ଅଘୋଷିତ ରାଜିନାମା ଅନୁସାରେ ହେବ। ସେ ଫାଇଦା ଉଭୟ ଅଫିସର ଓ ଠିକାଦାର ନେବେ। ପୁରୁଣା ଗୀତ ବହି ମଲାଟକୁ ବ୍ଲୋଅପ୍ କରି ଏହି ଠିକାଦାର ଜଣକ ଲକ୍ଷ ଲକ୍ଷ ଟଙ୍କା ସଂସ୍କୃତି ବିଭାଗରୁ ଅଫିସରଙ୍କ ମାଧ୍ୟରେ ନେଇଛି। ସେଇ ଐତିହାସିକ ବ୍ୟକ୍ତିଜଣକ ଅଭିଲେଖାଗାର 'ରିସର୍ଚ୍ଚ' କରିବା ଉଦ୍ଦେଶ୍ୟରେ ଫାଇଲରେ ଲେଖି ନିଜ ନିଜର 'ରସୋର୍ସ' ବଢ଼ାଇବା ସାର ହେବ। ପୁରୁଣା ପୋଷ୍ଟର ଯେପରି ଖତ ଖାଉଛି ଅଭିଲେଖାଗାର ନାମରେ ଚଳଚ୍ଚିତ୍ର ଆସିଲେ ତାହା ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ବ୍ୟବହୃତ ହୋଇ ଠିକାଦାର ଜଣକ ଲାଭବାନ ହେବେ। ଏଥିପ୍ରତି ପ୍ରଯୋଜକମାନେ ଗମ୍ଭୀରତାର ସହ ବିଚାର କରିବାର ସମୟ ଆସିଛି। ଓଡ଼ିଶାରେ ବହୁ ମନୋରଂଜନଭିତ୍ତିକ ଚ୍ୟାନେଲ ଆସିବ ସେମାନଙ୍କୁ ବ୍ରିକି କଲେ କିଛି ଫାଇଦା ମିଳିବ। ସରକାରୀ କଳରେ ରହିଲେ 'ସରକାରୀ କା ମାଲ୍ ଦରିଆ ମେଁ ଡାଲ୍' ପରି ଅଳିଆ କାର୍ଯ୍ୟ ହେବ।

ଓଡ଼ିଆ ଚଳଚ୍ଚିତ୍ରର ଏପରି ଅବସ୍ଥା ପାଇଁ ପ୍ରଯୋଜକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରୁ। ସେମାନଙ୍କର ଏକତା ବଳରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବଂଚିବ। ଠକ ଓ ଡକାୟତମାନଙ୍କ ମଧୁର କଥାରେ ନପଡ଼ି ନିଜେ ଚିନ୍ତାକରି ଚଳଚ୍ଚିତ୍ରପରି ବୃହତ୍ ଗଣମାଧ୍ୟମ ନିଜ କବ୍ଜାରେ ରଖିବା ଉଚିତ୍। ଅର୍ଥଲୋଭ ଲାଳସାରେ ଅନର୍ଥ ହେଲେ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥିବ। ଆଗାମୀ ଦିନରେ ସରକାରଙ୍କ ଶିଳ୍ପ ବିଭାଗର ଉଚ୍ଚପଦସ୍ଥ ଅଫିସର ଶିଳ୍ପମନ୍ତ୍ରୀଙ୍କୁ ନେଇ ନୂତନ କାର୍ଯ୍ୟପନ୍ଥା ନିମନ୍ତେ ପ୍ରଯୋଜକ ସଂଘ ଯୋଗାଯୋଗ ରକ୍ଷା ଏକାନ୍ତ ଜରୁରୀ। ପ୍ରତିଟି କାର୍ଯ୍ୟ ସିଧାସଳଖ ହେଲେ ଅସବୁଧା ହେବନାହିଁ। ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧି ପାଇଁ ପ୍ରେକ୍ଷାଳୟର ଆବଶ୍ୟକତାକୁ ପ୍ରଥମେ ପ୍ରାଥମିକତା ଦେଇ କାର୍ଯ୍ୟ କରନ୍ତୁ। ଓଡ଼ିଆ ଚଳଚ୍ଚିତ୍ର ସୁଦୃଢ଼ ସ୍ଥିତରକ୍ଷା ପାଇଁ ସରକାରଙ୍କ ଶିଳ୍ପ ବିଭାଗ ଗୁରୁତର ସହ ପ୍ରଯୋଜକମାନଙ୍କ ସହ ବିଚାର ବିମର୍ଷ କରୁ। ମଲ୍ଟିପ୍ଲେକ୍ସ ଓ ମିନି ପ୍ରେକ୍ଷାଳୟ ୨୦୦ଟି ବିଭିନ୍ନ ଜିଲ୍ଲାରେ କରାଗଲେ ଓଡ଼ିଆ ଚଳଚ୍ଚିତ୍ରର ବ୍ୟବସାୟିକ ସ୍ଥିରତା ଆସିବ। ପ୍ରଯୋଜକ କ୍ଷତି ବାରମ୍ବାର ହେଲେ ଏ ଦିଗ ପ୍ରତି ଆହୁରି ଅନେକ ପ୍ରଯୋଜକ ସଂସ୍ଥା ନୀରବତା ଅବଲମ୍ବନ କରିବେ। ଚଳଚ୍ଚିତ୍ର ସଂରକ୍ଷଣ ଆଳରେ ପ୍ରଯୋଜକ ମାନଙ୍କର ଚଳଚ୍ଚିତ୍ରକୁ ଚୋରାଚାଲାଣ ଜରିଆରେ ଯେଉଁ ମାଫିଆମାନେ ଉଦ୍ୟମ କରୁଛନ୍ତି ସେମାନଙ୍କ ପ୍ରତି ସଜାଗ ରୁହନ୍ତୁ। ଅଭିଲେଖାଗାର ନାମ ଅଭିସନ୍ଧିଙ୍କ ଉଦ୍ୟମକାରୀମାନେ କେତେ ସଂକଳ୍ପବଦ୍ଧ ତାହା ପ୍ରଥମେ ପରଖନ୍ତୁ। ଚିତ୍ର ଜଗତରେ ଚୋରମାନେ ଚୋର ଦୌଡୁଛି ନ୍ୟାୟରେ ତରବରିଆ କିଛି କରନ୍ତି ନାହିଁ। ଠିକାଦାରୀମାନଙ୍କୁ ସହଜରେ ଚିହ୍ନିବା କଷ୍ଟକର। ସେମାନେ ଭିନ୍ନ ଭିନ୍ନ ଉପାୟରେ ଚୋରି କରି ସାଧୁପଣ ଦେଖାନ୍ତି। ଓଡ଼ିଆ ଚଳଚ୍ଚିତ୍ର ବଂଚିବା ପାଇଁ ସଂଗ୍ରାମ ବେଳେ ଅଳିଆ କାର୍ଯ୍ୟ କରୁଥିବା ସାଧୁଙ୍କ ପ୍ରତି ସାବଧାନ। ପ୍ରଥମେ ଚଳଚ୍ଚିତ୍ର ଜଗତର ସାମଗ୍ରିକ ଉଦ୍ୟମ ପାଇଁ କସରତ କରନ୍ତୁ।

(ସମାପ୍ତ)

+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮

# ୱୁହାନରୁ ଓଡ଼ିଶା

'ୱୁହାନରୁ ଓଡ଼ିଶା' ଚଳଚ୍ଚିତ୍ରର ଶୁଭ ମହୁରତ। ସୁମା ରିଅଲ ମିଡିଆର ଏହା ତୃତୀୟ ଅବଦାନ। ଯାହାକି ସୋଆର ଦ୍ୱିତୀୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କ୍ଲାପ ନେଇ ସିନେମାର ଶୁଭ ମହୁରତ ଆରମ୍ଭ କରିଥିଲେ ସୋଆ କୁଳପତି ପ୍ରଫେସର





ଅଶୋକ ମହାପାତ୍ର। ଗଣମାଧ୍ୟମ ସହ ସାମାଜିକ ସଚେତନତା ଭିତ୍ତିକ ମନୋରଂଜନରେ ପାଠକ, ଦର୍ଶକ ତଥା ଜନସାଧାରଣଙ୍କ ବିଶ୍ୱାସ ଜିତିଥିବା ସୁମା ରିଅଲ ମିଡିଆର ତୃତୀୟ ଅବଦାନ 'ୱୁହାନରୁ ଓଡ଼ିଶା'। କୋଭିଡ ମହାମାରୀ, ତାହାର ମୁକାବିଲା ଏବଂ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗକୁ ନେଇ ନିର୍ମିତ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ସୁନୀଲ ଦାସ। ସିନେମାଟିର ଆଗଧାଡ଼ିର ଓଡ଼ିଆ ସିନେ ନିର୍ଦ୍ଦେଶକ ସଂଜୟ ନାୟକ। ସିନେମାର କାହାଣୀ ଦିଲ୍ଲୀପ ଦାସ ଲେଖିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବସନ୍ତରାଜ ସାମଲ।

# ଭୋକର ଶୁଭ ମହୁରତ

ସ୍ଥାନୀୟ ଭଂଜ କଳାମଣ୍ଡପ ସଭାଗୃହରେ ଜ୍ୟୋତି ପ୍ରଡକ୍ସନର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଭୋକ'ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି, ଓଏଫଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ ମୁଖ୍ୟବକ୍ତା, ସଂସ୍କୃତି ସଚିବ ରଂଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଜୀବ ମହାନ୍ତି। କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ। ଖୁବ୍‌ଶୀଘ୍ର ଫିଲ୍ମଟି ଫ୍ଲୋରକୁ ଯିବ ବୋଲି ଜଣାପଡ଼ିଛି।




# ଗଙ୍ଗୁବାଇ ସାଜିଲେ ଆଲିଆ



"ଗଙ୍ଗୁ ଯେଉଁଠି ରୁହେ ସେଠି କେବେ ଅମବାସ୍ୟା ହୁଏନି। ଗଙ୍ଗୁ ଜହ୍ନ ଥିଲା ଏବଂ ଜହ୍ନ ହିଁ ରହିବ।" ଏଭଳି କିଛି ଦମଦାର ଡାଏଲଗ ଏବଂ ସ୍କ୍ରିନ ପ୍ଲେ ସହ ରିଲଜ ହୋଇଛି ବହୁ ପ୍ରତିକ୍ଷିତ ଫିଲ୍ମ ଗଙ୍ଗୁବାଇ କାଠିଆୱାଡିର ଟିଜର। ଦେହରେ ଧଳା ଶାଢ଼ି, ମୁହଁରେ ବିଡ଼ି। ଦେଖିବାକୁ ପୂରା ଲେଡି ଡନ୍ ଲୁକ୍। କାଠିଆୱାଡି ଅଞ୍ଚଳର ଗଙ୍ଗୁବାଇ। ନା କାହାକୁ ଡରନ୍ତି, ନା କାହାକୁ ନିଜକୁ ଡରାଇବାକୁ ଦିଅନ୍ତି। ଏକଦମ ରୁବାବରେ ରୁହନ୍ତି। ରିଲିଜ ହୋଇଥିବା ଟିଜରରେ ଏଭଳି କିଛି ଲୁକରେ ନଜର ଆସିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ତାଙ୍କୁ ଏଥିରେ ଗଙ୍ଗୁବାଇ ଚରିତ୍ରରେ ଦେଖିବାକୁ ମିଳିଛି। ଏଥିପାଇଁ ସେ ନିଜ ହାବଭାବ ଏବଂ ଦମଦାର ଭଏସ ପାଇଁ ବେଶ ପରିଶ୍ରମ କରିଛନ୍ତି, ଯାହା ଟିଜରକୁ ଦେଖିଲେ ସ୍ପଷ୍ଟ ହୋଇପଡୁଛି। ୧ ମିନିଟ ୩୧ ସେକେଣ୍ଡର ଏହି ଟିଜରରେ ଆଲିଆ ଭଟ୍ଟଙ୍କ ଦାମଦାର ଡାଏଲଗ ଏବଂ ତାଙ୍କ ଜବରଦସ୍ତ ଅନ୍ଦାଜ ଦେଖିବାକୁ ମିଳିଛି। ରୋମାଣ୍ଟିକ ଗାର୍ଲରୁ ପୁରାପୁରି ଲେଡି ଡନ ସାଜିଛନ୍ତି ଆଲିଆ। ଗଙ୍ଗୁବାଇ ଚରିତ୍ର ପାଇଁ ଯେଉଁ ନିର୍ଭୟ, ସାହାସ, ଘୃଣା ଏବଂ ଶକ୍ତି ଦରକାର ସେ ସବୁକିଛି ଆଲିଆଙ୍କ ଭିତରେ ନଜର ଆସିଛି। ସଞ୍ଜୟ ଲିଲା ଭଂସାଲିଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମର ଲିଡ୍ ରୋଲରେ ଆଲିଆ ଭଟ୍ଟ ଅଛନ୍ତି। ଫିଲ୍ମଟି 'ଦ ମାଫିଆ କୁଇନ ଅଫ ମୁମ୍ବାଇ' ପୁସ୍ତକ ଉପରେ ଆଧାରିତ। ଏହି ଫିଲ୍ମରେ ଆଲିଆଙ୍କ ଲୁକକୁ ନେଇ ବେଶ୍ ପରିଶ୍ରମ କରାଯାଇଛି। ମୁଣ୍ଡରେ ବଡ ବିନ୍ଦି, ଶାଢ଼ି ଏବଂ ମୋଟା ମୋଟା କଜଳ ଲଗାଇ ପୁରାପୁରି ଭିନ୍ନ ଲୁକରେ ନଜର ଆସିଛନ୍ତି ଆଲିଆ। ଟିଜରଟି ରିଲିଜ ହେବାପରେ ଏବେ ସୋଶାଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଶଂସକଙ୍କ ମାନେ ଆଲିଆଙ୍କ ଦମଦାର ଅଭିନୟକୁ ଦେଖି ପ୍ରଶଂସା କରୁଛନ୍ତି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ ଆଲିଆ ଏବଂ ସଞ୍ଜୟ ଲିଲା ଭଂସାଲି ଏକାଠି କାମ କରିଛନ୍ତି। ଆସନ୍ତା ଜୁଲାଇ ୩୦ରେ ଫିଲ୍ମଟି ପରଦାକୁ ଆସିବ।

# ବେଲୁନ୍ ଭିତରେ ପ୍ରିୟଙ୍କା

ବଲିଉଡର ଦେଶୀ ଗାର୍ଲ ପ୍ରିୟଙ୍କା ଚୋପ୍ରା। ବଲିଉଡ ପରେ ଏବେ ହଲିଉଡରେ ତାଙ୍କ ଦବଦବା ଜାରି ରହିଛି। ସେ ନିଜ ଫ୍ୟାଶନ ଏବଂ ଗ୍ଲାମରସ ଲୁକ ପାଇଁ ସର୍ବଦା ଚର୍ଚ୍ଚାରେ ମଧ ରୁହନ୍ତି। ସେ ଆୱର୍ଡ ଫଙ୍କସନ ହେଉ ଅବା କୌଣସି ମ୍ୟୁଜିକ ଲଞ୍ଚ ପ୍ରୋଗ୍ରାମ। ସବୁ ବେଳେ ସେ ଅନ୍ୟ ଠାରୁ ଭିନ୍ନ ଦେଖାଯିବା ପାଇଁ ଚେଷ୍ଟା କରନ୍ତି। ଏଥିପାଇଁ ପ୍ରିୟଙ୍କା ଟ୍ରାଡିସନାଲ ଠାରୁ ଆରମ୍ଭ କରି ୱେଷ୍ଟର୍ଣ୍ଣ ଡ୍ରେସ ପିନ୍ଧିଥା'ନ୍ତି, ଯାହା ଅନ୍ୟମାନଙ୍କ ଠାରୁ ଭିନ୍ନ ହୋଇଥାଏ। ଏଥିପାଇଁ ସେ ଚର୍ଚ୍ଚାରେ ମଧ ରହନ୍ତି।

ନିକଟରେ ଏଭଳି ହିଁ କିଛି ଫ୍ୟାଶନ ସେନ୍ସକୁ ନେଇ ପ୍ରିୟଙ୍କା ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ଅନ୍ୟମାନଙ୍କ ଠାରୁ ଭିନ୍ନ ଦେଖାଯିବା ଚକ୍କରରେ ଅଜବ ଡ୍ରେସ ପିନ୍ଧି ସେ ସୋଶାଲ ମିଡିଆରେ ଟ୍ରୋଲ ହେଉଛନ୍ତି।

ତାଙ୍କର ଏହି ଡ୍ରେସକୁ ଦେଖି ଲୋକେ ନିଜ ହସକୁ ଆଉ ରୋକି ପାରୁନାହାନ୍ତି। କେବଳ ସେତିକି ନୁହେଁ ସୋଶାଲ ମିଡିଆରେ ପ୍ରିୟଙ୍କାଙ୍କ ଡ୍ରେସକୁ ନେଇ ମିମ୍ସ ମଧ ତିଆରି ହୋଇଛି।

**ଅଜବ ଡ୍ରେସ ପିନ୍ଧି ଫଟୋ ପାଇଁ ପୋଜ୍ ଦେଉଛନ୍ତି ପ୍ରିୟଙ୍କା:**





ପ୍ରିୟଙ୍କାଙ୍କ ଡ୍ରେସକୁ କିଏ ବେଲୁନ ସହ ତୁଳନା କରିଛ ତ ଆଉ ବମ୍ ସହ। କିଏ ଗାଡି ହର୍ଣ୍ଣ ସହ ତ ଆଉ ଏକ ବଲ ସହ, କିଏ ଜେଲି ଫିସ୍ ସହ ତ ଆଉ କିଏ ତାଙ୍କୁ ଅଷ୍ଟ୍ରିଚ ପକ୍ଷୀ ସହ ତୁଳନା କରିଛି। ସେହିପରି ଆଉ କିଏ କିଏ ତାଙ୍କୁ ଡ଼ମଣା ସାପ ବେଙ୍ଗ ଗିଳି ଦେବା ପରେ ଯେପରି ତା'ର ଅବସ୍ଥା ହୁଏ ତାହା ସହ ମଧ ତୁଳନା କରିଛି।

ସବୁଠାରୁ ବଡ କଥା ହେଉଛି ଯେ ପ୍ରିୟଙ୍କା ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ତାଙ୍କୁ ନେଇ ତିଆରି ହୋଇଥିବା ଏସବୁ ମିମ୍ସକୁ ଶେଆର କରିଛନ୍ତି। ଏହି ଫଟୋଗୁଡିକୁ ଶେଆର କରି ସେ ପ୍ରଶଂସକଙ୍କୁ ଧନ୍ୟବାଦ ମଧ ଜଣାଇଛନ୍ତି।

ସୂଚନାଯୋଗ୍ୟ, ନିକଟରେ ଦେଶୀଗାର୍ଲ ପ୍ରିୟଙ୍କାଙ୍କ ବହି 'ଅନଫିନ୍ ?ସଡ୍ ଦ ମେମୋରୀ' ଉନ୍ମୋଚିତ ହୋଇଥିଲେ। ଏହି ପୁସ୍ତକଟି ତାଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ସେ ନିଜ ବ୍ୟକ୍ତିଗତ ଓ ପ୍ରଫେସନାଲ ଲାଇଫକୁ ନେଇ ଅନେକ ବଡ଼ ବଡ଼ ଖୁଲାସା କରିଛନ୍ତି। ଫଳରେ ଏହାକୁ ନେଇ ମଧ ସେ ଚର୍ଚ୍ଚାରେ ଅଛନ୍ତି।

# ଅଭିନୟ କରିବେ କୁମାର ବିଶ୍ୱାସ

ପ୍ରସିଦ୍ଧ କବି ତଥା ରାଜନେତା ଭାବେ ବେଶ ଜଣାଶୁଣା କୁମାର ବିଶ୍ୱାସ ଏବେ ପିଲ୍ମ ଦୁନିଆରା ପାଦ ଥାପିବାକୁ ଯାଉଛନ୍ତି। ସାହିତ୍ୟ ମଞ୍ଚରେ କବିତା ପାଠ, ଅନ୍ନା ହଜାରେଙ୍କ ଆନ୍ଦୋଳନର ପ୍ରମୁଖ ଚେହାରା ପାଲଟିବା ପରେ ଏବେ ରାଜନୀତିରେ ପଶି ଭାଷଣ ଏବଂ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା କୁମାର ବିଶ୍ୱାସ ଏବେ ଖୁବଶୀଘ୍ର ବଲିଉଡରେ ପ୍ରବେଶ କରିବାକୁ ଯାଉଛନ୍ତି। ଖୁବଶୀଘ୍ର ତାଙ୍କୁ ବଡ ପରଦାରେ ଦେଖିବାକୁ ମିଳିବ।

ମହାଭାରତର ସବୁଠାରୁ ମଜଭୁତ ଚରିତ୍ର କର୍ଣ୍ଣଙ୍କ ଉପରେ ଆଧାରିତ ଫିଲ୍ମ 'ସୂର୍ଯ୍ୟପୁତ୍ର ମହାବୀର କର୍ଣ୍ଣ' ଜରିଆରେ ସେ ବଲିଉଡ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଏନେଇ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ଫିଲ୍ମ ଜରିଆରେ ସେ ଡେବ୍ୟୁ କରିବା ସହ ଫିଲ୍ମର ଗୀତ, ଡାଏଲଗ, ସ୍କ୍ରିନ ପ୍ଲେ ସବୁ କିଛି ସେ ନିଜେ ଲେଖିଥିବା ମଧ କହିଛନ୍ତି। ବାସୁଭଗନାନୀଙ୍କ ନିର୍ଦ୍ଦେଶନାରେ ତିଆରି ହେବାକୁ ଯାଉଥିବା ଏହି ଫିଲ୍ମର ଟିଜର ପୋଷ୍ଟର ମଧ ରିଲିଜ ହୋଇସାରିଛି। ଫଲ୍ମରେ କୁମାରଙ୍କ ବିଶ୍ୱାସଙ୍କୁ ଏକ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ହିନ୍ଦୀ, ତେଲୁଗୁ, ତାମିଲ, କାନ୍ନାଡା, ମାଲାୟଲାମ ଆଦି ଭାଷାରେ ଫିଲ୍ମଟି ରିଲିଜ ହେବ।



# ପୁଣି ଇଂଟରନେଟ୍‌ରେ ଭାଇରାଲ୍ ହେଲେ ୱିଙ୍କ୍ ଗାର୍ଲ ପ୍ରିୟା



ପୁଣି ଇଂଟରନେଟ୍‌ରେ ଭାଇରାଲ୍ ହେଲେ ୱିଙ୍କ୍ ଗାର୍ଲ ପ୍ରିୟା ଭାରିୟର। ମାଲାୟାଲାମ୍ ଅଭିନେତ୍ରୀ ପ୍ରିୟାଙ୍କ ନୂଆ ଚଳଚ୍ଚିତ୍ର 'ଚେକ୍' ରିଲିଜ୍ ହେବା ଅପେକ୍ଷାରେ। ଆସନ୍ତା ୨୬ ତାରିଖରେ ଏହି ଚଳଚ୍ଚିତ୍ରକୁ ପ୍ରେକ୍ଷାଳୟରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ର ରିଲିଜ୍ ପୂର୍ବରୁ ନିର୍ମାତା ଚଳଚ୍ଚିତ୍ରର ଏକ ଗୀତ ଗୀତ ରିଲିଜ୍ କରିଛନ୍ତି, ଯାହାକି ଖୁବ୍ ଜୋରରେ ଭାଇରାଲ୍ ହେବାରେ ଲାଗିଛି। ଗୀତଟିର ଶୀର୍ଷକ ହେଉଛି 'ନିନୁ ଚୁଡ଼ାକୁଣ୍ଡା'। ଏଥିରେ ପ୍ରିୟାଙ୍କ ବିପକ୍ଷରେ ଦେଖିବାକୁ ମିଳିଛନ୍ତି ନିତିନ୍। ଏହି ଗୀତଟି ଇଂଟରନେଟ୍‌ରେ ଭାଇରାଲ୍ ହେବା ପରେ ପ୍ରିୟା ପ୍ରକାଶ ଭାରିୟର ଟ୍ୱିଟରରେ ଖୁବ୍ ଜୋରରେ ଟ୍ରେଣ୍ଡ୍ ହେବାରେ ଲାଗିଛନ୍ତି। ଗୀତଟିକୁ ଲେଖିଛନ୍ତି ଶ୍ରୀ ମଣି ଓ ଏହାକୁ ସଂଯୋଜନା କରିଛନ୍ତି କଲ୍ୟାଣୀ ମଲ୍ଲିକ୍। 'ଚେକ୍' ହେଉଛି ଏକ ତେଲୁଗୁ ଆକ୍ସନ ଚଳଚ୍ଚିତ୍ର। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦ୍ରଶେଖର ୟେଲେତି। ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଭି ଆନନ୍ଦ ପ୍ରସାଦ। ଉଲ୍ଲେଖଯୋଗ୍ୟ, ୨୦୧୭ ମସିହାରେ ପ୍ରିୟା ପ୍ରକାଶ ଭାରିୟରଙ୍କର ଏକ ୱିଙ୍କ(ଆଖିମରା) ଭିଡିଓ ଭାଇରାଲ୍ ହେବା ପରେ ସେ ରାତାରାତି ଇଂଟରନେଟ୍ ସେନ୍‌ସେସନ୍ ପାଲଟି ଯାଇଥିଲେ।

# ସିଂହଦ୍ୱାର ସିରିଏଲରେ ଯାତ୍ରା କଳାକାର ଦଇତାରୀ ପଣ୍ଡା

ଓଡ଼ିଶାର ଯାତ୍ରା ଜଗତରେ ଝଡ଼ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ଦୁର୍ଦ୍ଦାନ୍ତ ଖଳନାୟକ ଦଇତାରୀ ପଣ୍ଡା ବର୍ତ୍ତମାନ ସିଂହଦ୍ୱାର ସିରିଏଲରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏହା ବର୍ତ୍ତମାନ ମଂଜରୀ ଟିଭି ଚ୍ୟାନେଲରେ ପ୍ରସାରିତ ହେଉଛି ଏବଂ ଖୁବ୍ ଦ୍ରୁତଗତିରେ ଆଗେଇ ଚାଲିଛି। ଲକ୍ଷ ଲକ୍ଷ ଦର୍ଶକ ବନ୍ଧୁ ଏହି ସିରିଏଲକୁ ଦେଖୁଛନ୍ତି। ଏହି ସିଂହଦ୍ୱାର ସିରିଏଲରେ ଅଭିନୟ କରୁଛନ୍ତି ଦଇତାରୀ ପଣ୍ଡା, ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ରାଇମୋହନ ପରିଡ଼ା, ଅଭିନେତା ଜଗବନ୍ଧୁ ପଣ୍ଡା ଓ ଅନ୍ୟାନ୍ୟ କଳାକାର ବନ୍ଧୁ। ଅତୀତରେ କୋଣାର୍କ ଗଣନାଟ୍ୟରେ ଦଇତାରୀ ପଣ୍ଡା ଅଭିନୟ କରୁଥିଲେ। ସିନ୍ଦୁର କହିବ ସ୍ୱାମୀ କାହାର, କହଲ ବଉଳ କିଏ ତୋ ବର, କଉଡ଼ି ଖେଳ, ନ କହିଲେ କୂଳ ଭାସିଯାଉଛି, ଦୁଃଖ ଦେଇଗଲା ଦରଦୀବନ୍ଧୁ, ଧିରେ ଧିରେ ଚାଲ ଗୋରୀ, ନରରାକ୍ଷସ, ମୁଦ୍ରା ରାକ୍ଷସ ପ୍ରଭୃତି ଅନେକ ହିଟ୍ ନାଟକରେ ଦଇତାରୀ ପଣ୍ଡା ଅଭିନୟ କରି ସଫଳତା ହାସଲ କରିଛନ୍ତି। ଏହା ବ୍ୟତୀତ ଦଇତାରୀ ପଣ୍ଡା କିଛି ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ତାଙ୍କର ଖୁବ୍ ସୁନ୍ଦର ଓ ମନଛୁଆଁ ଅଭିନୟ ସମଗ୍ର ଓଡ଼ିଶାରେ ଯାତ୍ରାପ୍ରେମୀ ଦର୍ଶକ ବନ୍ଧୁ ଯୁଗ ଯୁଗ ଧରି ମନେ ରଖିବେ। ପ୍ରଖ୍ୟାତ ନାଟ୍ୟକାର ରଘୁନାଥ ପଣ୍ଡାଙ୍କର ପ୍ରିୟ ଛାତ୍ର ଦଇତାରୀ ପଣ୍ଡା ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ବର୍ତ୍ତମାନ ଅନେକ ଦର୍ଶକ ସର୍ବଦା ଦଇତାରୀ ପଣ୍ଡାଙ୍କୁ ଖୋଜିଥାନ୍ତି। ଈଶ୍ୱରଙ୍କ କୃପାରୁ ଶ୍ରୀ ପଣ୍ଡାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ।



ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଯୋଜକ କନ୍‌ଭେନ୍‌ସନ ଓ ପଞ୍ଚାୟତରାଜ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ,୨୫।୨ (ନି.ପ୍ର): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଭଦ୍ରକ ଜିଲ୍ଲାସ୍ତରୀୟ ବ୍ଲକ ଓ ଆଞ୍ଚଳିକ ସଂଯୋଜକମାନଙ୍କ ସାଂଗଠନିକ କନ୍‌ଭେନ୍‌ସନ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ କୋନାଲ ବାନାର୍ଜୀ, ରାଜ୍ୟ ଅଧକ୍ଷ ସୁଦର୍ଶନନ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ସମେତ ଜିଲ୍ଲାର ଜୋନ ସଂଯୋଜକମାନେ ଉପସ୍ଥିତ ହୋଇ ପଞ୍ଚାୟତିରାଜ ସଂଗଠନର କର୍ତ୍ତବ୍ୟ, ଭୂମିକା, ସମ୍ପର୍କରେ ଆଲୋଚନା କରାଯାଇଥିଲା । ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଂକୁଚିତ କରି ତାଙ୍କ ଅଧିକାରରୁ ବଂଚିତ କରୁଥିବାରୁ ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟମାନେ ନିଜର କ୍ଷମତା ଉପଯୋଗ କରିବାରେ ପଥରୋଧ କରାଯାଉଛି, ଯାହା ସମ୍ବିଧାନର ଧାରା ୭୩,୭୪ ଅଧିନିୟମ ଉଲଂଘନ ହେଉଛି । ସରପଞ୍ଚମାନଙ୍କୁ କୋଭିଡ଼ ପରିଚାଳନା ସମୟରେ ଜିଲ୍ଲାପାଳ କ୍ଷମତା ନେଇ ପରୋକ୍ଷରେ ସେମାନେ ଖର୍ଚ୍ଚ କରିଥିବା ଅର୍ଥ ଅଦ୍ୟାବଧି ଲକ୍ଷ ଲକ୍ଷ ଟଙ୍କା ପଇଠ କରାଯାଉନାହିଁ । ଯାହା ସେମାନଙ୍କୁ ଅଟ୍ଟହାସ ସଦୃଶ ହୋଇଛି । ମୁଖ୍ୟଅତିଥି ଶ୍ରୀଯୁକ୍ତ ବାନାର୍ଜୀ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଉଦ୍ଦେଶ୍ୟ ସଂକ୍ରାନ୍ତରେ କର୍ମକର୍ତ୍ତାଙ୍କୁ ବୁଝାଇ କହିଥିଲେ ଯେ ଭାରତୀୟ ଜାତୀୟ କଂଗ୍ରେସ ଦଳର ସମ୍ବିଧାନକୁ ମାର୍ଗଦର୍ଶିକା ଭାବରେ ଗ୍ରହଣ କରି ଏକ ସମାଜ ଗଠନ ପାଇଁ ଲକ୍ଷ୍ୟ ରଖିବା ଆବଶ୍ୟକ । ଯାହା ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ତୃଣମୂଳ ସ୍ତରରେ ଲୋକଙ୍କୁ ମାର୍ଯ୍ୟାଦାପୂର୍ଣ୍ଣ ଜୀବନ ଜୀବିକା ପାଇଁ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ଏବଂ ସଶକ୍ତ କରାଏ । ଅନ୍ୟତମ ଅତିଥି ରାଜ୍ୟ ଉପସଭାପତି ସୁଦର୍ଶନ ଦାସ ଏହାର ମୂଲ୍ୟବୋଧ ସମ୍ପର୍କରେ ବୁଝାଇବାକୁ ଯାଇ କହିଥିଲେ କି ଭାରତୀୟ ସମ୍ବିଧାନ ଯେଉଁ ମୂଲ୍ୟବୋଧ ଉପରେ ଆଧାରିତ, ତାହା ହେଉଛି ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ମାର୍ଗଦର୍ଶିକା, ବିକେନ୍ଦ୍ରିତ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଅଙ୍ଗିକାରବଦ୍ଧତା ହେଉଛି ଏହାର ଚାଳିକାଶକ୍ତି । ସଂଗଠନର କାର୍ଯ୍ୟକ୍ରମ କଣ ହେବ ଓ କେମିତି ହେବ ଏହାହିଁ ତାକୁ ନିର୍ଦ୍ଧାରଣ କରିଥାଏ । ଏକ ସମଷ୍ଟିଗତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଏହା ସଂକଳ୍ପବଦ୍ଧ । ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଦାସ କହିଥିଲେ ଯେ ଓଡ଼ିଶାରେ ବିଜେପି ଓ ବିଜେଡ଼ି ଦଳର ଘୋଷିତ ଓ ଅଘୋଷିତ ଦୁଇ ଦଶନ୍ଧିର ଶାସନ ରାଜ୍ୟବାସୀଙ୍କୁ ପ୍ରଗତି ଓ ବକାଶ ପଥରେ ଯେଉଁଭଳି ଆଗେଇ ନେବା କଥା ସେଥିରେ ଅସଫଳ ହୋଇଛି । ପଞ୍ଚାୟତିରାଜ ପ୍ରତିନିଧିମାନେ ସରାକରୀ ବାବୁମାନଙ୍କର ଅଧସ୍ତନ କର୍ମଚାରୀରେ ରୂପାନ୍ତରିତ ହୋଇଛନ୍ତି । ଗ୍ରାମସଭା ବା ପଲ୍ଲୀସଭା ବସୁନାହିଁ କିମ୍ବା ସ୍ଥାନୀୟ ଅଞ୍ଚଳର ବିକାଶରେ ଲୋକଙ୍କର ସ୍ୱର କ୍ଷୀଣ ହୋଇଯାଇଛି । 'ଆମ ଗାଁ ଆମ ବିକାଶ' ଯୋଜନା ଅଫିସରମାନେ ଚିଠା ପ୍ରସ୍ତୁତ କରି ସରପଞ୍ଚ ଓ ପଞ୍ଚାୟତ ସମିତି ଉପରେ ପ୍ରକଳ୍ପ ତାଲିକା ଲଦି ଦେଉଛନ୍ତି । ଯାହା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଘୋର ଅପମାନ । ଏହାର ସୁଧାର ଆଣିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଆବଶ୍ୟକ । ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ଜିଲ୍ଲାର ଅଗ୍ରଣୀ ପଞ୍ଚାୟତ ପ୍ରତିନିଧି ଭାବରେ ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷ ମଞ୍ଜୁଶ୍ରୀ ବେହେରା, ସରପଞ୍ଚ ତପସ୍ୱିନୀ ବେହେରା, ଶଶିକଳା ବେହୁରିଆ, ବିଜୟଶଙ୍କର ମହାନ୍ତି, ମନୋଜ ନାୟକ, ପ୍ରଶାନ୍ତ ସାହୁ, ମସିତି ସଭ୍ୟ ରମେଶ ବେହେରା, ସବିତା ମହାପାତ୍ର, ତିଳୋତ୍ତମା ଜେନାଙ୍କୁ ଶ୍ରୀଯୁକ୍ତ ବାନାର୍ଜୀ ଓ ଶ୍ରୀଯୁକ୍ତ ସୁଦର୍ଶନ ଦାସ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସଂଯୋଜକ ଭଦ୍ରକ- ପ୍ରଦିପ ମହାନ୍ତି, ତିହିଡ଼ି- ଗଣେଶ ମଲ୍ଲିକ, ଧମାନଗର- ମନୋଜ ଭୂୟାଁ, ପୌରପାଳିକା ସଂଯୋଜକ ଭଦ୍ରକ- ବିଜୟ ବାରିକ, ଧାମନଗର - ବାବା ହରେକୃଷ୍ଣ ସେଠୀ, ଜୋନ ସଂଯୋଜକ ପ୍ରମୋଦ ପୁହାଣ, ନିରାକାର ସାହୁ ଅଜିତ ସାହୁ, ସର୍ବେଶ୍ୱର ବେହେରା, ସମ୍ବିତ ସାହୁ, ବୀରେନ୍ଦ୍ର ଜେନା, ରମାକାନ୍ତ ପାତ୍ର, ଅଜୟ ମିଶ୍ର, ଅମିୟ ପରିଡ଼ା, ରଶ୍ମିରଂଜନ ପଣ୍ଡା, ସମ୍ବିତ ଜେନା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଖୁଲୁଡା ଫଚାୟତ ଉନ୍ନୟନ କାର୍ଯ୍ୟରେ ଅନୀୟମିତତା ଓ ଦୁର୍ନୀତି

ଜଳେଶ୍ୱର ,୨୫।୨ (ନି.ପ୍ର): କୌଣସି ଅଂଚଳର ବିକାଶ ସେ ଅଂଚଳ ଗମନା ଗମନ, ରାସ୍ତାଘାଟ ଓ କେତେକ ମୌଳିକ ସେବାରୁ ଜଣାଯାଇଥାଏ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ପଂଚାୟତର ବିଭିନ୍ନ ଉନ୍ନୟନ ଓ ବିକାଶ କାର୍ଯ୍ୟରେ ଅନିୟମିତତା ଦୁର୍ନିତୀ ର ଅଭିଯୋଗ ହୋଇ ଆସୁଛି । ବିନା ଗ୍ରାମସଭା, ନାମଫଳକ ଓ ଜନସାଧାରଣଙ୍କୁ ସୂଚନା ନଥାଇ କେତେକ କାର୍ଯ୍ୟ ହୋଇ ଆସୁଥିବାରୁ ସେ ସମ୍ପର୍କରେ ପଂଚାୟତର କେତେକ ବ୍ୟକ୍ତି ବିଡିଓଙ୍କୁ ଲଗାତାର ଜଣାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବା, କଂକ୍ରିଟି ରାସ୍ତା ଫାଟି ଆଁ କରିଥିବା ବେଳେ ସୃଷ୍ଟିଧର ଜେନାଙ୍କ ଘର ଠାରୁ ରମାକାନ୍ତ ବେହେରାଙ୍କ ଘର ଯାଏ ମୁଖ୍ୟ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ । ଫଂଚାୟତର ବହୁ କଂକ୍ରିଟ ରାସ୍ତା ଏବେ ମରଣଯନ୍ତାରେ ପରିଣତ ହୋଇଥିବା ବେଳେ ତାହା ଯାତାୟାତ କରିବା ସମ୍ଭବ ହୋଇ ପାରୁନାହିଁ । ଖୁଲୁଡା ଏକ ଶିକ୍ଷିତ ଓ ସଚେତନା ଗ୍ରା.ପ. ହୋଇଥିବାରୁ ସେଠାରେ ହାଇସ୍କୁଲ, କଲେଜ, ସଂସ୍କୃତ ଟୋଲ, ଫଂଚାୟତ କାର୍ଯ୍ୟାଳୟ , ଆୟୁର୍ବେର୍ଦିକ ଡାକ୍ତରଖାନା ଇତ୍ୟାଦି ବହୁ ଅନୁଷ୍ଠାନ ରହିଥିବାରୁ ସେଠାରେ ଲୋକ ଗହଳି ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାନୁଷ୍ଠାନକୁ ଯାତାୟାତରେ ଅସୁବିଧା ହୋଇ ଆସୁଛି । ଉକ୍ତ ଫଂଚାୟତର ବହୁ ଗ୍ରାମରେ ସ୍ୱଚ୍ଛ ଭାରତ ମିସନରେ ପାଇଖାନା ପାଇନଥିବା ଅଭିଯୋଗ ହୋଇଛି । ଫଂଚାୟତର ଅସୁରଡିହା ଗ୍ରାମରେ ଏପରି ଦୁର୍ନିତୀ ଅଧିକ ହୋଇଥିବାର ବ୍ରଜେନ୍ଦ୍ର ନାରାୟଣ ଆଚାର୍ଯ୍ୟ, ଶଶିକାନ୍ତ ପ୍ରଧାନ, ଜୟକୃଷ୍ଣ ଅଣ୍ଡିଆ, ରାଧାକୃଷ୍ଣ ବାରିକ, ରବିନାରାୟଣ ଦାସ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ।

## ହାଟ, ବଜାରରେ କୋଭିଡ୍ ନିୟମକୁ ଫୁ: ପ୍ରଶାସନିକ ଅଧିକାରୀ ନିରବ

କଣାସ,୨୫।୨ (ନି.ପ୍ର): ପୁର୍ନବାର କରୋନାର ନୂତନ ଷ୍ଟ୍ରେନ୍ ବେଦେଶ ରାଷ୍ଟ୍ରମାନଙ୍କରେ ବଢ଼ି ବଢ଼ି ଚାଲିଥିବା ବେଳେ ଭାରତର ୫ଟି ରାଜ୍ୟରେ ପୁନଶ୍ଚ କରୋନା ପ୍ରକୋପ ବୃଦ୍ଧି ପାଇଥିବାରୁ ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀ ଏବଂ ପୋଲିସ୍ ବିଭାଗକୁ କୋଭିଡ୍ ନିୟମ ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରି ସ୍ଥିତିରେ ପୁରୀ ଜିଲ୍ଲାର କଣାସ ବ୍ଲକ ଅଂଚଳରେ ଜନସାଧାରଣ କୋଭିଡ୍ କଟକଣାକୁ ମାନୁନଥିବା ପରିଲକ୍ଷିତ ହୋଇଛି । କଣାସ ହାଟ, ବିଜିପୁର, ହାଟ, ମନ୍ଦାରବସ୍ତ ହାଟ, ଗଡିଶାଗୋଦା ହାଟ, କରମଳା ହାଟ, ଜଙ୍ଘାର ହାଟ ଓ ବିଭିନ୍ନ ବଜାରରେ ଜନଗହଳି ହେବା ସହ ସାମାଜିକ ଦୂରତା ନ ରଖିବା, ମାକ୍ସ ପିନ୍ଧୁନଥିବା ଲୋକମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଲୋକମାନେ ଏହାକୁ ଖାତିର୍ କରୁନଥିବା ଦେଖିବାକୁ ମିଳିଛି । କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାଶଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଖୁବ୍ ଶୀଘ୍ର ଏନେଇ ପ୍ରତିକାର ବ୍ୟବସ୍ଥା କରାଯିବ ।

## ୨୦୨୦ ଚାଷର କ୍ଷୟକ୍ଷତି ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

କେନ୍ଦ୍ରାପଡ଼ା,୨୫।୨ (ନି.ପ୍ର): ଗତବର୍ଷ ଅଗଷ୍ଟ ମାସରେ ଲଘୁଚାପ ଜନିତ ବର୍ଷାରେ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଧାନ ଫଲସର କ୍ଷୟକ୍ଷତି ପାଇବା ପାଇଁ ବାରୋ ପଂଚାୟତର ନିଳିକଣା, ଉଚ୍ଛରପଡା, ରାୟପୁର, ତ୍ରିଲୋଚନପୁର ତରାଣ୍ଡୋ ଏବଂ ଘିଗିଡିଆ ଅଂଚଳର ଚାଷୀ ବୁଧବାର ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡିଛି । ଦୀର୍ଘ ୧ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି ଚାଷୀମାନେ ଲଘୁଚାପ ବର୍ଷାରେ କ୍ଷତି ହୋଇଥିବା ଧାନର କ୍ଷତିପୁରଣ ପାଇ ପାରୁନାହାଁନ୍ତି । ଏନେଇ ସେମାନେ ତହସିଲଦାରଙ୍କୁ ଭେଟି ତୁରନ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିବା ସହିତ କ୍ଷତିପୁରଣ ଦେବାପାଇଁ ଦାବି କରିଛନ୍ତି । ଏହି ଧାରଣା ସମୟରେ କୁଳମଣୀ ବିଶ୍ୱାଳ, ହରିସ୍ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ନିତ୍ୟାନନ୍ଦ ରାଉତ, ବଛକୃଷ୍ଣ ବାରିକ, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା : ମ୍ୟୁନିସିପାଲଟିର ୭୩୯ ଗୃହହୀନ ହିତାଧିକାରୀ ଉପକୃତ

ଜଳେଶ୍ୱର ,୨୫।୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) କାର୍ଯ୍ୟାଦେଶରେ ଅଦ୍ୟାବଧି ଜଳେଶ୍ୱର ମ୍ୟୁନିସିପାଲଟିର ୭୩୯ ଜଣ ଗୃହହୀନ ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ଆୟୋଜିତ ସଭାରେ ସୂଚନା ଦିଆଯାଇଛି । ପୂର୍ବରୁ ଗ୍ରାମାଂଚଳ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିବା ବେଳେ ଏଣିକି ସହରାଞ୍ଚଳ ଗୃହହୀନ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଆୟୋଜିତ ସଭାରେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର ପୌରହିତ୍ୱ କରି ଅଦ୍ୟାବଧି ୬ଟି ଫଂଚାୟତରେ ମ୍ୟୁନିସିପାଲଟିର ୭୩୯ଟି ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇଥିବା ବେଳେ ଆଜି ୧୩୪ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ୨୦୧୯-୨୦୨୨ ମଧ୍ୟରେ ଶେଷ କରିବାକୁ ଥିବା ବେଳେ ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବା ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପୌରପରିଷଦର ପ୍ରଶାସନୀକ ଅଧିକାରୀ ନିଲୁ ମହାପାତ୍ର ଯୋଗ ଦେଇ ନିର୍ଦ୍ଦିଷ୍ଟ ସମୟରେ ଆବାସ ଯୋଜନାର କାର୍ଯ୍ୟ ଶେଷ କରିପାରିଲେ ସରକାର ୩୦ ହଜାର ଟଙ୍କା ଅଧିକ ଦେବାର ବ୍ୟବସ୍ଥା ସଂପର୍କରେ କହିଥିଲେ । କିନ୍ତୁ ସମସ୍ତ ସରକାରୀ ଯୋଜନାରେ ସହଭାଗିତା ଓ ସହଯୋଗ ଜନସାଧାରଣ ଓ କର୍ମଚାରୀ ମଧ୍ୟରେ ରହିପାରିଲେ ଯୋଜନାର ସଫଳ ରୂପାୟନ ହୋଇ ପାରିବ ବୋଲି କହିଥିଲେ । ଜନସାଧାରଣଙ୍କ ଚିନ୍ତା ଚେତନା, ପରିବର୍ତ୍ତନ, ଓ ସମାଜର ବିକାଶ ଲାଗି କର୍ମଚାରୀ ଓ ଅଧିବାସୀ ଏଥିଲାଗି ସଚେତନ ହେବା ଦରକାର । ଜଳେଶ୍ୱର ମ୍ୟୁନିସିପାଲଟିରେ ଏହା ହୋଇ ପାରିଲେ ଏହା ଜିଲାରେ ଉଦାହରଣ ସୃଷ୍ଟି କରିବାରିବ ବୋଲି କହିଥିଲେ । ଏଥିରେ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଉପସ୍ଥିତ ରହି ବାସହୀନଙ୍କୁ ଜମି ଯୋଗାଣରେ ମଧ୍ୟ ପ୍ରମୁଖ ଭୂମୀକା ଗ୍ରହଣ କରାଯାଇଥିବା କହିଥିଲେ । ପରମାନନ୍ଦ ପରିଡା ସୂଚନା ପ୍ରଦାନ କରିଥିଲେ ।

## ଧାରଣାକାରୀ ପରିବାରଙ୍କଠାରୁ ପୋଲିସ ଛଡାଇଲା କିରୋସିନ ବୋତଲ

କେନ୍ଦ୍ରାପଡ଼ା,୨୫।୨ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ବସୁପୁର ଆରିପଦା ଗ୍ରାମର ନାରାୟଣ ଚନ୍ଦ୍ର ବାରିକଙ୍କ ପରିବାର ତାଙ୍କ ଜମି ଚିହ୍ନଟ ପାଇଁ ଦୀର୍ଘ ୧ବର୍ଷ ହେଲା ଦୌଡି ଦୌଡି ନିରାଶ ହୋଇ ବୁଧବାର ଆତ୍ମାହୂତି ଦେବା ଉର୍ଦ୍ଦେଶରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ କିରୋସିନ ନେଇ ସହ ପରିବାର ଆମରଣ ଅନଶନରେ ବସିଥିଲେ । ଖବର ପାଇ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ତାଙ୍କଠାରୁ କିରୋସିନ ବୋତଲ ଚଢାଇନେଇ ଜଗି ରହିଥିଲେ । ଖବରପାଇ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଏମାନଙ୍କ ସହିତ ଆଲୋଚନା କରି ତାଙ୍କର ଘରବାରି ଖାତା ନଂ-୩୫୩, ପ୍ଲଟ ନଂ-୧୩୬ କୁ ଚିହ୍ନଟ କରିବା ପାଇଁ ଅତିରିକ୍ତ ତହସିଲଦାର ନମିତା ବାରିକଙ୍କୁ ତୁରନ୍ତ ଯାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଥାଉକି, ଏହି ପରିବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ବାରମ୍ବାର ଅନଶନ ଓ ଧାରଣାରେ ବସିଥିଲେ ।

## ପଟୁ ମାଟି ଓ ବିଲାତି ଦଳରେ ପୋତି ହେଉଛି ଚିଲିକା ହ୍ରଦ : ଆୟତନ ହ୍ରାସ ପାଉଛି

କଣାସ,୨୫।୨ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ମରାଳ ମାଳିନୀ ଆପରୂପା ଚିଲିକା ହ୍ରଦର ଆୟତନ ପଟୁମାଟି ଓ କଳିକତି ଦଳ ଯୋଗୁଁ କ୍ରମଶଃ ପୋତି ହୋଇ କମିବାରେ ଲାଗିଛି । ଏଥି ସହିତ ଅନେକ ପ୍ରଜାତିର ମାଛ ବଂଶ ବିଲୁପ୍ତ ହୋଇଯାଇଥିବା ଜଣାପଡିଛି । ଗବେଷକମାନଙ୍କ ତଥ୍ୟ ମୁତାବକ, ୧୦୮ପ୍ରକାର ମାଛ ବଂଶ ଲୋପ ପାଇଗଲାଣି । ବିଶେଷ କରି ଚିଲିକା ଇଲିସି, ଖଙ୍ଗା, ଖୁରାଂଟି, ପରେଇ, ଦୁଦୁପାତୁଆ, ପାତୁଆ, ଖଣ୍ଡାବାଲିଆ, ବାଲିକୋକଲି ଆଦି ମାଛବଂଶ ଲୋପ ପାଇଗଲାଣି । ଫଳରେ ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜିବୀ ପରିବାରଙ୍କୁ ଚିନ୍ତା ଘାରିଛି । ଏଥି ସହିତ ଚିଲିକାର ପରିବେଶ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଚିଲିକାର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚିଲିକାର ବିକାଶ ପରିବର୍ତ୍ତେ ଏହାର ଅବନତି ଘଟିଥିବାରୁ ବୁଦ୍ଧିଜିବୀ ଏବଂ ପରିବେଶବିତ୍ ମାନେ ଏନେଇ ଚିନ୍ତା ପ୍ରକଟ କରିଛନ୍ତି । ଏକ ଅନୁସନ୍ଧାନରୁ ଜଣାପଡିଛି, ୧୯୪୫ ମସିହାରେ ଚିଲିକାର ଆୟତନ ଥିଲା ୨୯୪୬ ବର୍ଗ କି.ମି. । ୧୯୬୨ ମସିହାରେ ଏହାର ଆୟତନ ହ୍ରାସ ପାଇ ବନ୍ୟା ସମୟରେ ୧୧୮୦ ବର୍ଗ କି.ମି. ରହୁଥିବା ବେଳେ ଗ୍ରୀଷ୍ମ ଋତୁ ସମୟରେ ଏହା ୯୭୦ ବର୍ଗ କି.ମି. ରହିଥିଲା । ଏବେ ବନ୍ୟା ସମୟରେ ୯୮୭ବର୍ଗ କି.ମି. ରହୁଥିବା ବେଳେ ଗ୍ରୀଷ୍ମ ସମୟରେ ୭୦୦ ବର୍ଗ କି.ମି. ରହୁଥିବା ଜଣାପଡିଛି । ୬୦୦ବର୍ଗ କି.ମି. ଭିତରେ ଝାଉଁବଣ ସୃଷ୍ଟି କରାଯାଉଥିବାରୁ ଚିଲିକାର ଜଳଭାଗ ଆଶାତିତ ଭାବେ କମୁଥିବା ଅଭିଯୋଗ ହେଉଛି । ଚିଲିକାର ଉପକୂଳ ପ୍ରତିବର୍ଷ କଳିକତି ଦଳ ଏବଂ ନଦୀରେ ଆସୁଥିବା ପଟୁ ମିଶ୍ରିତମାଟି ଯୋଗୁଁ ପୋତିହୋଇ ପଡୁଥିବା ବେଳେ ଚିଲିକାର ଅଧିକାଂଶ ଜାଗା ଚିଙ୍ଗୁଡି ମାଫିଆମାନଙ୍କ କବଳରେ ରହୁଛି । ଏକ ରିପୋର୍ଟରୁ ଜଣାପଡିଛି, ଚିଲିକାରେ ମତ୍ସ୍ୟଜିବୀମାନଙ୍କର ୨୪ ଶହରୁ ଉର୍ଦ୍ଧ୍ୱ ଡ଼ଙ୍ଗା ମାଛଧରା ଓ ପରିବହନ କାର୍ଯ୍ୟରେ ଲାଗିଛି । ଚିଲିକାର ଆୟତନ ହ୍ରାସ, ଚିଙ୍ଗୁଡି ମାଫିଆମାନଙ୍କ ଦୌରାତ୍ମ୍ୟରେ ବିଭିନ୍ନ ପ୍ରଜାତିର ମାଛ ବଂଶ ଲୋପ ପାଇବାରୁ ଏବେ ଚିଲିକା ଉପରେ ନିର୍ଭର କରୁଥିବା ପୁରୀ ଜିଲ୍ଲାର କଣାସ, ପୁରୀ ସଦର, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଖଲିକୋଟ, ଖୋର୍ଦ୍ଧା ଜିଲ୍ଲାର ଚିଲିକା, ଟାଙ୍ଗି ଆଦି ବ୍ଲକର ପ୍ରାୟ ୩ ଲକ୍ଷ ମତ୍ସ୍ୟଜିବୀ ବେଉସା ହରାଇ ଦୁର୍ଦ୍ଦଶା ଭୋଗ କରୁଥିବା ବେଳେ କେତେକ ମତ୍ସ୍ୟଜିବୀ ପରିବାର ପ୍ରତିପୋଷଣ କରିବା ପାଇଁ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଇ ବିଭିନ୍ନ ନିର୍ଯ୍ୟାତନା ଶିକାର ହେଉଥିବା ବିଷୟ ଦୈନନ୍ଦିନ ବିଭିନ୍ନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ସେହିପରି କଣାସ ବ୍ଲକର ଦୟା, ରାଜୁଆ, ମକରା, ଲୁଣା, କାଣିଆନଦୀ ଜବରଦଖଲ ଯୋଗୁଁ ଏହି ନଦୀ ଉପରେ ନିର୍ଭର କରୁଥିବା କଣାସ ବ୍ଲକର ମତ୍ସ୍ୟଜିବୀମାନେ ମାଛ ମାରିବାରୁ ବଂଚିତ ହେଉଛନ୍ତି ଏବଂ ନଦୀ ଓ ଚିଲିକା ମୁହଁରେ ମଶାରିଜାଲ ବସାଯାଉଥିବାରୁ ଚିଲିକାର ମାଛମାନେ ନଦୀ ମଧ୍ୟକୁ ପ୍ରବେଶ କରିପାରୁ ନ ଥିବାରୁ ନଦୀମାନଙ୍କରେ ମାଛ ସଂଖ୍ୟା ବହୁତ ହ୍ରାସ ପାଇଛି । ତେଣୁ ଜୀବନ ଜିବୀକାର ସନ୍ଧାନରେ ସେମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟ ସରକାର ଓ ସମ୍ପୃକ୍ତ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତ୍ସ୍ୟଜିବୀ ମାନେ ଦାବି କରିଛନ୍ତି ।

## ସମ୍ବଲପୁର ରେଳ ମଣ୍ଡଳରୁ ଜୁନାଗଡ଼ ରୋଡ଼ ଷ୍ଟେସନରୁ ବାଂଲାଦେଶକୁ ତୁଳା ରେକ୍

ସମ୍ବଲପୁର,୨୫।୨ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳର କ୍ରମାଗତ ପ୍ରୟାସରୁ ବାଂଲାଦେଶକୁ ତୁଳା ରେକ୍ ବୋଝେଇ ହୋଇଅଛି । ଏହି ବର୍ଷର ପ୍ରଥମ ତୁଳା ରେକ ସମ୍ବଲପୁର ମଣ୍ଡଳର ଜୁନାଗଡ଼ ରୋଡ଼ ଷ୍ଟେସନରୁ ବାଂଲାଦେଶର ଜେନାପୋଲ ଷ୍ଟେସନକୁ ୪୨ଟି ୱାଗନ୍ ଏବଂ ପ୍ରାୟ ୨୪୭୧ ଟନ୍ ଓଜନ ବୋଝେଇ ହୋଇ ଯାଉଅଛି । ଟ୍ରେନ୍ ଦ୍ୱାରା କୃଷିଜାତ ଉତ୍ପାଦକୁ ପଡ଼ୋଶୀ ଦେଶପାଇଁ ପରିବହନ ସବୁଠାରୁ ସୁରକ୍ଷିତ ଏବଂ ସବୁଠାରୁ ଶୀଘ୍ର ପରିବହନ କରୁଥିବା କନସାଇନର ମାନଙ୍କୁ ଆର୍ଥିକ ରୂପରେ ଲାଭପ୍ରଦ ହେବ । ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ବାଂଲାଦେଶକୁ ଦୂରଗାମୀ ଟ୍ରାଫିକର ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ରେଳବାଇ ଦ୍ୱାରା ବିଜିନେସ୍ ଡେଭଲେପମେଂଟ ୟୁନିଟ୍ ସ୍ଥାପନା ପରେ ପରିବହନର ସବୁଠାରୁ ସୁରକ୍ଷିତ ଏବଂ ଶସ୍ତା ଦିଗ ପାଇଁ ରେଳବାଇ ଦ୍ୱାରା ଆପଣେଇ ଥିବା ନୀତି ପ୍ରୋତ୍ସାହନ ଏବଂ ମାଲପରିବହନ ପାଇଁ ଗ୍ରାହକଙ୍କ ସହିତ ନିୟମିତ ଯୋଗାଯୋଗ କରାଯାଉଅଛି ।

## ନରସିଂହପୁର ମଣ୍ଡିରେ ଷଣ୍ଢ ଓ ମୂଷା ଖାଉଛନ୍ତି ଧାନ

କେନ୍ଦ୍ରାପଡ଼ା,୨୫।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର କୃଷି ସମବାୟ ସମିତିରେ ଧାନ ନେଉ ନଥିବାରୁ ଶତାଧିକ ଚାଷୀ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଦୀର୍ଘଦିନ ହେଲା ମଣ୍ଡିରେ ପଡି ରହିଥିବା ଧାନକୁ ମୂଷା, ଷଣ୍ଢ ଖାଉଥିବା ବେଳେ ଟାଗେର୍ଟ ନାହିଁ ବୋଲି ଦର୍ଶାଇ ସଂପାଦକ ଧାନ ରଖୁ ନାହାଁନ୍ତି । ତୁରନ୍ତ ଏହି ମଣ୍ଡରେ ଟାର୍ଗେଟ୍ ଦେବା ସହ ଟୋକନ ପାଇଥିବା ଚାଷୀ ମାନଙ୍କ ଠାରୁ ଧାନ କିଣିବା ପାଇଁ ନିରାକର ଖଟୁଆ, ଅଜୟ କୁମାର ଦାସ, ମନୋଜ କୁମାର ମହାପାତ୍ର, କୁଞ୍ଜ ବିହାରୀ ନାୟକ, ବିଜୟ ସୁତାର ପ୍ରମୁଖ ଚାଷୀ ଦାବି କରିଛନ୍ତି ।

## ୮ ବର୍ଷ ହେଲା ବରଗଛ ମୂଳେ ଚାଲିଛି ଦମକଳ କେନ୍ଦ୍ର

କଣାସ,୨୫।୨ (ନି.ପ୍ର): ପୁରୀ ଜିଲ୍ଲାର ସର୍ବାଧିକ ଅନୁନ୍ନତ ଅଂଚଳ ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେବାରୁ ୨୦୧୩ ମସିହା ଫେବୃଆରୀ ୧୨ ତାରିଖ ଦିନ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ କଣାସ ପଚାଂୟତ ସମିତି ସଭାଗୃହ ନିକଟରେ ବରଗଛ ତଳେ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଉଦଘାଟନ କରିଥିଲେ । ହେଲେ ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ଦମକଳ କେନ୍ଦ୍ରର ନିଜସ୍ୱ ଗୃହ ତିଆରି ହୋଇପାରୁ ନ ଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏପରିକି ଦମକଳ କେନ୍ଦ୍ରରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । କର୍ମଚାରୀମାନେ ନିତ୍ୟବ୍ୟବହାର୍ଯ୍ୟ ନିମନ୍ତେ ଜଳ ଓ ପିଇବା ପାଣି ପାଇଁଦୀର୍ଘ ଦିନ ହେଲା ଦୁର୍ଦ୍ଦଶା ଭୋଗୁଛନ୍ତି । ଖବର ନେବାରେ ଜଣାପଡିଛି, ଦମକଳ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ୫ ବର୍ଷ ହେଲା ୬୫ ଲକ୍ଷ ଟଙ୍କା ଆସି ବ୍ୟାଙ୍କରେ ପଡିଛି । ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ । ଏ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ପଚାରିବାରୁ ସେ କୁହନ୍ତି, ଦମକଳ କେନ୍ଦ୍ର ପାଇଁ ଜାଗା ଚିହ୍ନଟ ସରିଛି, କାଗଜପତ୍ର କାମ ନିକଟରେ ଶେଷ ହେବାପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ତେବେ କେବେ ଦମକଳ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କାମ ଆରମ୍ଭ ହେବ ଓ ଶେଷ ହେବ ତାହାକୁ ହିଁ କେବଳ ସମସ୍ତଙ୍କର ଅପେକ୍ଷା ।

## ସାଳନ୍ଦୀ ବିକାଶ ମଂଚ ପକ୍ଷରୁ 'ସାଳନ୍ଦୀ ସତ୍ୟାଗ୍ରହ'

### ପ୍ରଦୂଷଣମୁକ୍ତ ସାଳନ୍ଦୀ ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଭଦ୍ରକ,୨୫।୨ (ନି.ପ୍ର): ସମଗ୍ର ଦେଶରେ ନଦୀକୂଳିଆ ରାଜ୍ୟଗୁଡିକ ଅଧିକ ବିକଶିତ ହୋଇଥାଏ । ସେହିଭଳି ଏକଦା ଚିରସ୍ରୋତା ଥାଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ପରିପୂର୍ଣ୍ଣ କରୁଥିବା ଭଦ୍ରକ ଜିଲାର ଜୀବନରେଖା ସାଳନ୍ଦୀ ଆଜି ପ୍ରଦୂଷଣପୂର୍ଣ୍ଣ ହୋଇପଡିଛି । ଏହାର ନଦୀପାର୍ଶ୍ୱ ଏବେ ଅବରୋଧ । ଇଟାଭାଟି ଜନିତ ମୃତ୍ତିକା ଖନନ ଫଳରେ ଏହାର କାୟା ଏବେ ବିଲୁପ୍ତ ହେବାକୁ ଯାଉଛି । ଫଳରେ ଏହି ନଦୀ ଉପରେ ଜୀବିକା ନିର୍ବାହ କରୁଥିବା ବହୁ ଚାଷୀ ଓ ଜନସାଧାରଣ ଏବେ 'ହା ଅନ୍ନ ହା ଅନ୍ନ' ଚିତ୍କାର କରିବାରେ ଲାଗିଛନ୍ତି । କିନ୍ତୁ ଏକଦା ଚିରସ୍ରୋତା ଥିବା ଏହି ନଦୀର ପୂର୍ବାବସ୍ଥା ଫେରାଇ ଆଣିବା ନେଇ ନା କୌଣସି ଜନନେତା ନା ଜିଲା ପ୍ରଶାସନ କାହାରି ନିଦ ଭାଙ୍ଗୁନାହିଁ । କେବଳ ଯାହା ସାଳନ୍ଦୀ ସଂସ୍କାର ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ହେବା ପରେ ଏବେ ଏହାର ପୁନରୁଦ୍ଧାର ଦିଗରେ କୁମ୍ଭକର୍ଣ୍ଣ ଭଳି ଶୋଇ ରହିଛନ୍ତି । ଏଣୁ କେବଳ ଭଦ୍ରକ ଜିଲା ନୁହେଁ ପଡୋଶୀ କେନ୍ଦୁଝର, ବାଲେଶ୍ୱର ଜିଲାର ଜୀବନରେଖା କୁହାଯାଉଥିବା ଏହି ନଦୀକୁ 'ନର୍ମଦା' ଭଳି ଏକ ବିକଶିତ ନଦୀଶଯ୍ୟାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ବୋଲି ଆଜି 'ଭଦ୍ରକ ବିକାଶ ମଂଚ' ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ 'ସାଳନ୍ଦୀ ସତ୍ୟାଗ୍ରହ' ଧାରଣାସ୍ଥଳରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଦିନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସାଳନ୍ଦୀ ସତ୍ୟାଗ୍ରହରେ ମଂଚର ସଭାପତି ପ୍ରଫେସର ଡ. ବଳରାମ ମିଶ୍ର ଅଧକ୍ଷତା କରିଥିଲେ । ଏଥିରେ ମହାନଦୀ ସୁରକ୍ଷା ମଂଚର ଆବାହକ ସୁଦର୍ଶନ ଦାସ ଓ ଦିଲ୍ଲୀସ୍ଥିତ ରାଜୀବ ଗାନ୍ଧି ଫାଉଣ୍ଡେସନର ସଦସ୍ୟ କୁନାଲ ବାର୍ନାଜୀ ଯୋଗଦେଇ ପ୍ରଦୂଷଣଯୁକ୍ତ ସାଳନ୍ଦୀର ପୂର୍ବବସ୍ଥା ଫେରାଇ ଆଣିବା ଦିଗରେ କେବଳ ଜନସାଧାରଣ ନୁହେଁ, ଜିଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି କହିଥିଲେ । ମଂଚର ସାଧାରଣ ସଂପାଦକ ପ୍ରତାପ ପାଢୀ ଏହି ମଂଚ ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ଉପସଭାପତି ତଥା ଅଧିବକ୍ତା ତୁଷାର ମହାନ୍ତି, ଅଶୋକ ମହାନ୍ତି, ଅନୁପ ମହାନ୍ତି, ସାଙ୍ଗଠନିକ ସଂପାଦକ ଅମ୍ବିକା ଦାସ, ସଦସ୍ୟ ସଂଜୀବ ମହାନ୍ତି ପ୍ରମୁଖ ସତ୍ୟାଗ୍ରହର ମୌଳିକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାଳନ୍ଦୀକୁ ନେଇ ଏକ କବିତା ଆସର ଆୟୋଜିତ ହୋଇଥିଲା । ମଂଚର ଉପସଭାପତି ତଥା କବି ପ୍ରମୋଦ ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କବିତା ଆସରରେ କବୟିତ୍ରୀ ଗୀତାରାଣୀ ଆଇଚ, ଅଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ଅବନୀ ପ୍ରଧାନ, ନବକିଶୋର ପଣ୍ଡା, ଶିକ୍ଷୟିତ୍ରୀ ଶକୁନ୍ତଳା ନାୟକ, କାଳନ୍ଦୀ ମଲ୍ଲିକ, ଅରୁପାନନ୍ଦ ନାୟକ, ଭାନୁମତି ମାଟିଆ ପ୍ରମୁଖ ସାଳନ୍ଦୀକୁ ନେଇ ନିଜ ନିଜର ସ୍ୱରଚିତ ରଚନା ଆବୃତ୍ତି କରିଥିଲେ । ମଂଚର ସଦସ୍ୟ ବୈଲୋଚନ ବେହୁରିଆ, ବିପ୍ଳବ ମହାନ୍ତି, ଗୋବର୍ଦ୍ଧନ ସାମଲ, କାଳୀପଦ ରାୟ, ଅସରଫ ଅଲ୍ଲୀ, ନିରୁପମା ମହାନ୍ତି, ରଘୁନାଥ ସାହୁ ପ୍ରମୁଖଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସତ୍ୟାଗ୍ରହରେ ଚାନ୍ଦବାଲିରୁ ବିଶ୍ୱରଂଜନ ମହାନ୍ତି, ଆରଡିରୁ ସ୍ୱଦେଶ ପଣ୍ଡା, ତିହିଡିରୁ ଉଦ୍ଧବ ନାୟକ, ଆଗରପଡାରୁ ରଥ ଦାସ, ବାସୁଦେବପୁରର ଶକୁନ୍ତଳା ଦାସ, କାଁପଡା ସରପଞ୍ଚ ପ୍ରତିନିଧି ପ୍ରମୁଖ ଯୋଗଦେଇ ନିଜ ନିଜ ଅଂଚଳରେ ସାଳନ୍ଦୀ କିଭଳି ଅବହେଳିତ ଅବସ୍ଥାରେ ରହିଛି, ତାହା ବଖାଣିଥିଲେ । ଶେଷରେ ମଂଚର ଏକ ପ୍ରତିନିଧି ଦଳ ସାଳନ୍ଦୀ ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଇଟାଭାଟି, ମୃତ୍ତିକା ଉତ୍ତୋଳନ ଓ ବିଭିନ୍ନ ଶିଳ୍ପ ଶୋଷି ନେଉଥିବା ଭୂତଳ ଜଳକୁ ରୋକିବା ଦିଗରେ ସରକାର ବିହିତ ପଦକ୍ଷେପ ନେବାପାଇଁ ଜିଲାପାଳ ଡ. ଜ୍ଞାନ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ନିମ୍ନ ମାନର କାମ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ : ବଢୁଛି ଜନଅସନ୍ତୋଷ, ଦାନା ବାନ୍ଧୁଛି ଆନ୍ଦୋଳନ

ଉଦଳା, ୨୫/୦୨(ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ପାଟଶାଣିପୁର - ଗୋବିନ୍ଦପୁର ଭାୟା ବରହମପୁର ୨କି.ମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଅବସ୍ଥା କହିଲେ ନସରେ । ସାମାନ୍ୟ ବର୍ଷାହେଲେ ଏହି ରାସ୍ତା ଦେଇ ଆଦୌ ଯାତାୟତ କରିହୁଏ ନାହିଁ । ଉଦଳାକୁ ଯିବା ଆସିବା ପାଇଁ ଉକ୍ତ ରାସ୍ତା ଉପରେ ଚାରିଗୋଟି ଗ୍ରାମପଞ୍ଚାୟତର ଲୋକ ନିର୍ଭଶୀଳ ଅଟନ୍ତି । ନିମ୍ନ ମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ, ଏକଥା ଆଖିରେ ଦେଖିଆସିଲେ ବେଶ ଭଲ ଭାବରେ ବୁଝି ହେବ । ତେବେ ଉକ୍ତ ରାସ୍ତା ବାବଦରେ କର୍ତ୍ତୃପକ୍ଷଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରି ମଧ କିଛି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀଙ୍କ



ଠାରୁ ଶୁଣିବାକୁ ମିଳୁଛି । ଖାଲି ସେତିକି ନୁହେଁ, 'ଠିକାଦାର ମାନେ ଚଳିବେ କେମିତି ?' ବୋଲି ଉଦଳାରେ ରହୁଥିବା ସରକାରୀ ବାବୁ ମାନେ କହୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ତେବେ ଆଗାମୀ ଦିନରେ ଉକ୍ତ ରାସ୍ତା ପାଇଁ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକୁଥିବାର ଜଣାଯାଇଛି ।

## ସାମାଜିକ ସଂଗଠନ ପକ୍ଷରୁ ରାସନ ବଣ୍ଟନ



ଭଦ୍ରକ,୨୫।୦୨ (ନି.ପ୍ର): ଭଦ୍ରକ ସାମାଜିକ ସଂଗଠନ ଭିକେଏସ୍ ଶରଣ୍ୟ ୱେଲଫେୟାର ସୋସାଇଟି ପକ୍ଷରୁ ଡଗମୁଣ୍ଡ ସ୍ଥିତ କୁଷ୍ଠ କଲୋନୀରେ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି । କଲୋନୀରେ ରହୁଥିବା ଅନ୍ତେବାସୀ ଏବଂ ନିକଟସ୍ଥ ଆଦିବାସୀ କଲୋନୀର ଅନ୍ତେବାସୀଙ୍କୁ ସାସାଇଟିର ସଦଦସ୍ୟମାନେ ଡାଲି, ଚାଉଳ, ସାବୁନ, ଚିନି ଓ ଅନ୍ୟାନ୍ୟ ସାମଗ୍ରୀମାନ ବଣ୍ଟନ କରିଥିଲେ । ସଂଗଠନ ଏହିଭଳି ପୁଣ୍ୟ କାମରୁ ସମାଜସେବା ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ସମାଜସେବା କ୍ଷେତ୍ରରେ ଆହୁରି ଆଗକୁ ଆଗେଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସଂଗଠନର ଏଭଳି କାର୍ଯ୍ୟକୁ ସବୁ ମହଲରେ ସ୍ୱାଗତ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକୁ ଅଶୋକ ଦାସ, ମଳୟ ଦାସ, ସଞ୍ଜୟ ଦେ ପ୍ରମୁଖ ପରିଚାଳନା କରିଥିଲେ ।

## ନିଖୋଜ ପତ୍ନୀକୁ ନପାଇ ମ୍ରିୟମାଣ ସ୍ୱାମୀ

ବାଲେଶ୍ୱର,୨୫।୦୨ (ନି.ପ୍ର): ଦୀର୍ଘ ଦେଢ଼ମାସ ଧରି ସ୍ୱାମୀ ଓ ଆଠବର୍ଷର ପୁଅକୁ ଛାଡ଼ି କୁଆଡ଼େ ନିଖୋଜ ହୋଇ ଯାଇଥିବା ପତ୍ନୀ ସମ୍ପର୍କରେ ଜାଣିବା ପାଇଁ ସିଂଲା ଥାନା ଚକସାର୍ଥା ଅଞ୍ଚଳର ଯୁବକ ତାପସ ପାତ୍ର ଜିଲା ପୁଲିସଠାରେ ଗୁହାରୀ କରିଛି । ୨୦୧୧ ମସିହାରେ ବାହାବଳପୁର ଅଞ୍ଚଳରୁ ସୋନାଲିଙ୍କୁ ସେ ବିବାହ କରିଥିଲେ । ତାଙ୍କର ଏବେ ୮ ବର୍ଷର ପୁଅଟିଏ ଅଛି । ତାପସ ଚିଙ୍ଗୁଡ଼ିଘେରୀରେ କାର୍ଯ୍ୟ କରିବା ସହିତ ସମୁଦ୍ରକୁ ଭୁଟୁଭୁଟିରେ ମାଛଧରିବାକୁ ଯାଇ ପରିବାରର ଗୁଜରାଣ ମେଣ୍ଟାଉଥିଲେ । ୨୦୧୯ ମସିହାରେ ଏମିତି ଥରେ ସମୁଦ୍ରରୁ ଫିସିଂ କରି ଫେରିବା ପରେ ଘରେ ପତ୍ନୀ ଓ ପୁଅକୁ ନପାଇ ତାବସ ମ୍ରିୟମାଣ ହୋଇ ପଡ଼ିଥିଲେ । ବହୁ



ଖୋଜଖୋଜି ପରେ ପୁଲିସ ତାଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରିଥିଲେ । ଧାମରା କଇଁଥକୋଲା ଅଞ୍ଚଳର ବିକାଶ ନାମକ ଯୁବକଙ୍କ ସହିତ ସେ ଭୁବନେଶ୍ୱରେ ପଳାଇ ଯାଇଥିଲେ । ତେବେ ଘର ଫେରିବା ପରେ ସବୁକିଛି ଠିକ ଠାକ ଚାଲିଥିଲେ ବି ଗତ ଜାନୁଆରୀ ୧୧ ତାରିଖରେ ତାପସ ସମୁଦ୍ରରୁ ଫିସିଂରୁ ଆସି ଘରେ ପୁଅ ମାନସକୁ ଦେଖିଥିଲେ ବି ସୋନାଲିର କୌଣସି ପତ୍ତା ମିଳିନଥିଲା । ପତ୍ନୀ ଘରେ ନଥିବା ବେଳେ ୮ ବର୍ଷର ପୁଅର ଲାଳନପାଳନ ତାଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି ବୋଲି ତାପସ କହିଛନ୍ତି । ସୋନାଲି କାହା ସହ ପୁଣି ଚାଲି ଯାଇଛି, କେଉଁଠି ଅଛି, ତାହାକୁ ନେଇ ତାପସ ଥାନାରେ ଏତଲା ଦେଇଥିଲେ ବି ଅଦ୍ୟାବଧି କୌଣସି ଖବର ମିଳି ନଥିବା ସେ କହିଛନ୍ତି । ଯଦି କେହି ବ୍ୟକ୍ତି ସୋନାଲିଙ୍କ ସମ୍ପର୍କରେ ସୂଚନା ଦେବେ ତାଙ୍କୁ ତାପସ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବେ ବୋଲି କହିଛନ୍ତି । ୭୩୨୫୯୮୮୯୬୫ ଓ ୭୬୮୩୯୧୪୫୫ ନମ୍ବରରେ ଜଣାଇବା ପାଇଁ ସେ ନିବେଦନ କରିଛନ୍ତି ।

## ନାରାୟଣପୁର ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନାସଭା

ବାଲିଆପାଳ, ୨୫।୦୨ (ନି.ପ୍ର): ବାଲିଆପାଳ ବ୍ଲକ ନାରାୟଣପୁରଉଚ୍ଚବିଦ୍ୟାଳୟର ଦୁଇଜଣ ଅତିଥି ଶିକ୍ଷକ ରବୀନ୍ଦ୍ରନାଥ ପୁଜାରରୀ, ନିଆସୀ ଚରଣ ଦାସ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ପ୍ରଧାନଶିକ୍ଷକ କାହ୍ନୁଚରଣ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧିରେନ୍ଦ୍ରନାଥ ହାଜିରା, ବିଦ୍ୟାଧର ପରିଡା, ଶିକ୍ଷାବିତ ଝାଡେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଶଶିକ୍ଷକ ଅଭାବ ସମୟରେ ଏହି ଦୁଇ ଶିକ୍ଷକ ଅନୁଷ୍ଠାନରେ ଶିକ୍ଷାଦାନକରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିବା କହିଥିଲେ ।ଶିକ୍ଷକ ପିତବାସ ଗିରି ସ୍ୱାଗତ ଅଭିଭାଷନ ପ୍ରଦାନ କରିଥିଲାବେଳେ ରମାନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସସରରେ ଦୁଇ ବିଦାୟୀ ଶିକ୍ଷକ ମାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଅଭିମନ୍ୟୁ ଦାସ, ପରମାନନ୍ଦ ପାଣିଗ୍ରାହୀ, ସନ୍ଧ୍ୟାରଣି ପ୍ରଧାନ, ଶୁଭସ୍ରୀ ଜେନା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ୬୦ନଂ ଜାତୀୟ ରାଜପଥରୁ ଦୁର୍ଘଟଣାଗ୍ରସ୍ତ ଅସହାୟ ବୃଦ୍ଧା ଉଦ୍ଧାର

ଜଳେଶ୍ୱର, ୨୫/୨ (ନି.ପ୍ର) : ୬୩୦ନଂ ଜାତୀୟ ରାଜପଥର ରାୟାଁରାଚନ୍ଦ୍ରପୁର ବାଇପାସ୍ ନିକଟରେ ଜନୈକ ବୃଦ୍ଧା ରାସ୍ତା ଦୁର୍ଘଟଣାରେ ଗୁରୁତର ହୋଇ ପଡିଥିବା ବେଳେ ମେ ଆଇ ହେଲ୍ପ ୟୁ ମୋ ପରିବାର ପକ୍ଷରୁ ଉଦ୍ଧାର କରାଯାଇଛି । ଏହି ଅନୁଷ୍ଠାନର ସଦସ୍ୟ ସତ୍ୟବ୍ରତ ପ୍ରମାଣିକ ରାସ୍ତାକଡରେ ଆହତ ବୃଦ୍ଧା ରୂପ୍ସା ଅଂଚଳର ବାସନ୍ତି ହେମ୍ବ୍ରମଙ୍କୁ ଦେଖି ଚିକିତ୍ସା ଲାଗି ଅନୁଷ୍ଠାନର ପ୍ରତିଷ୍ଠାତା ଜଗନ୍ନାଥ ପରିଡାକୁ ଜଣାଇଥିଲେ । ଅନୁଷ୍ଠାନର ଅନ୍ୟ ସଦସ୍ୟ ହରିଶଂକର ପରିଡା, ରାଜୀବ ଦେ ପ୍ରମୁଖ ଆମ୍ବୁଲାନ୍ସ ଯୋଗେ ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇ ଚିକିତ୍ସାର ବ୍ୟବସ୍ଥା କରିଛନ୍ତି ।

## ଶତାୟୁ ଶିକ୍ଷକଙ୍କ ପରଲୋକ

ବାଲିଆପାଳ,୨୫।୦୨ (ନି.ପ୍ର): ବାଲିଆପାଳ ବ୍ଲକ ବିରୁପାଲିଆ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ଚତୁର୍ଭୁଜ ଦାସଙ୍କର ଆଜି ୧୦୨ ବର୍ଷ ବୟସରେ ପରଲୋକ ହୋଇଯାଇଛି ।ସ୍ୱର୍ଗତଃ ଦାସ ପ୍ରଥମେ ବିରିପାଲିଆ ପ୍ରାଥମିକ ବିଦ୍ୟାଳୟ ପରେ ସୁନା ରୂଇ ୟୁପି ସ୍କୁଲରେ ପ୍ରଧାନଶିକ୍ଷକଭାବରେ କାର୍ଯ୍ୟକରି ୩୧.୧୨.୧୯୮୪ ମସିହାରେ ଅବସର ଗ୍ରହଣ କରିଥିଲେ ।ଅବସରପରେ ସ୍ୱର୍ଗତଃ ଦାସ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତଥିବା ବେଳେ ସମାଜସେବାରେ ନିଜକୁ ସାମିଲ କରିଥିଲେ ।ସେ ଦୀର୍ଘକିଛିମାସ ହେଲା ବାର୍ଦ୍ଧକ୍ୟତା କାରଣରୁ ଶଯ୍ୟାଶାୟୀ ଥିଲେ ।ଆଜି ଅପରାହ୍ନରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁଶର୍ଯ୍ୟା ନିକଟରେ ବଡପୁଅ ଅବସରପ୍ରାପ୍ତ ଶିକ୍ଷକ ସୁଧାକର ଦାସ,ମୃନ୍ମପୁତ୍ର ବାଲିଆପାଳ ବ୍ଲକର ସହ ଗୋଷ୍ଠି



ଶିକ୍ଷାଅଧିକାରୀ ନାରାୟଣ ଦାସ, ସାନପୁଅ ଶିକ୍ଷକ ତପନ ଦାସ, ଝିଅ, ଜ୍ୱାଇଁ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ ।ମୃତ୍ୟୁ ଖବର ପାଇ ସିକ୍ଷକ ନେତା ମନ୍ମଥ ସାହୁ, ବିଶ୍ୱମ୍ବର ପାତ୍ର, ନିତାଇ ରାଉଳ, ପୂର୍ଣ୍ଣେନ୍ଦୁ ଦାସ, ରବି ପାଣିଗ୍ରାହୀ, ଧନଞ୍ଜୟ ପାତ୍ର, ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷେ ଦର୍ଶନ କରିବା ସହ ଅମରଆତ୍ମାର ସଦଗଗତି କାମନା କରିଥିଲେ ।ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ପଦ୍ମଶ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାରିପଦା,୨୫।୦୨ (ନି.ପ୍ର): ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ବିଶିଷ୍ଟ ଐତିହାସିକ ପ୍ରନ୍ତତତ୍ତ୍ୱବିତ୍ ପଦ୍ମଶ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଶ୍ରାଦ୍ଧ ଦିବସ ସାହିତ୍ୟ ସଂସ୍କୃତି ବିକାଶମଞ୍ଚ ତରଫରୁ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ଡକ୍ଟର ସରୋଜ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତି ସଭାରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ଶିକ୍ଷକ ଅମୂଲ୍ୟ କୁମ୍ଭକାର, ଅଧ୍ୟାପକ ଅଶୋକ ପୃଷ୍ଟି, ଶିକ୍ଷକ ବୁଧିରାମ ସିଂ, ଏସ କେ ଲାଇକୁଦ୍ଦିନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସାହିତ୍ୟକୃତି ଐତିହାସିକ ତଥା ପନ୍ତତତ୍ତ୍ୱ କାର୍ଯ୍ୟ ସମୂହ ସର୍ବୋପରି ତାଙ୍କ ଜୀବନାଦର୍ଶ ସମ୍ପକରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ମୟୂରଭଞ୍ଜ ମାଟିର ଏହି ଯଶସ୍ୱୀ ସନ୍ତାନଙ୍କ କୃତିତ୍ୱ ଆଗାମୀ ଦିନରେ ସମସ୍ତ ସାହିତ୍ୟକ ଐତିହାସିକ ତଥା ପ୍ରତ୍ନବିତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା ।

## ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାମାନଙ୍କ ଧାରଣା ପ୍ରତ୍ୟାହୃତ

ଭୁବନେଶ୍ୱର,୨୫।୦୨ (ନି.ପ୍ର): ୧୦ ଦଫା ଦାବି ନେଇ ଗତ ୨୨ ତାରିଖ୍ରୁ ଆରମ୍ଭ ହୋଇଥିବା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାମାନଙ୍କ ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି । ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ସିଆଇଟିୟୁର ଏକ ପ୍ରତିନିଧି ଦଳ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶଙ୍କୁ ସାକ୍ଷାତ କରି ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ଦାବି ପୂରଣ ନେଇ ମନ୍ତ୍ରୀ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଗଲାବୋଲି ସଂଘର ସାଧାରଣ ସମ୍ପାଦିକା ଇଷାନୀ ଷଡଙ୍ଗୀ ସୂଚନା ଦେଇଛନ୍ତି ।

## ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଆହତ

### ଗାଡି ଭଙ୍ଗାରୁଜା ସହ ବନକର୍ମଚାରୀଙ୍କ ଠାରୁ ବନ୍ଧୁକ ଲୁଟ

ବାରିପଦା,୨୫।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଆହତ ହୋଇଥିବା ସୂଚନା ରହିଛି । ମଙ୍ଗଳବାର ରାତିରେ ଶିମିଳିପାଳକୁ ଶିକାର କରିବା ପାଇଁ ଉଦଳା ଜମୁଡ଼ିହା ଗାଁରୁ ପ୍ରାୟ ୬୦ରୁ ୭୦ ଜଣ ଶିକାରୀ ଯାଇଥିଲେ । ସେଠାରୁ ସେମାନେ ୨ଟି ସମ୍ବର ଶିକାର କରି ଆଣି ନିଜ ଭିତରେ ମାଂସ ଭାଗ କରିଥିଲେ । ତେବେ ବିଶ୍ୱସ୍ତ ସୂତ୍ରରୁ ଜଣେ ଶିକାରୀ ନିଜ ଘରେ ୩୦ କିଲୋ ମାଂସ ଓ ୨ଟା ବନ୍ଧୁକ ରଖିଛି ବୋଲି ଖବର ପାଇ ଉଦଳା ରେଞ୍ଜ ଅଫିସର ତାଙ୍କ କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ



ପହଞ୍ଚି ଚଢାଉ କରି ଶିକାରୀଙ୍କ ଘରୁ ୨ଟି ବନ୍ଧୁକ ସହ ଅଧା ବସ୍ତା ମାଂସ ଜବତ କରିଥିଲେ । ଜବତ ସାମଗ୍ରୀକୁ ଧରି ସେମାନେ ଗାଡି ପାଖକୁ ଆସିବା ବେଳକୁ ସେ ଗାଁର ପ୍ରାୟ ୨୦ ଜଣ ଲୋକ ଢେଲା ପଥର ଫିଙ୍ଗିକି ଗାଡିକୁ ଭାଙ୍ଗିବା ସହ ଜଙ୍ଗଲ ବିଭାଗର କର୍ମଚାରୀଙ୍କୁ ମାରଧର କରିଥିଲେ ଓ ସେମାନଙ୍କଠାରୁ ବନ୍ଧୁକ ମଧ ଛଡ଼ାଇ ନେଇଥିଲେ । ତେବେ ୩ଜଣ ଶୀକାରୀଙ୍କୁ ଘଟଣା ସ୍ଥଳରୁ ବନ ବିଭାଗ ଗିରଫ କରିଥିଲେ ମଧ ସେମାନେ ଫେରାର ହେବାରେ ସଫଳ ହୋଇଥିବା ବେଳେ ବନ ବିଭାଗ କର୍ମଚାରୀ ମାନଙ୍କ ଗାଡି ଭଙ୍ଗାରୁଜା ହୋଇ ଥିବାରୁ କିଛି ବନକର୍ମଚାରି ଦୀର୍ଘପଥ ଚାଲିଚାଲି ଅନ୍ୟଏକ ଗ୍ରାମରେ ପହଂଚି ଗୋଟିଏ ଗାଡିରେ ଆସି ଉଦଳା ପହଂଚିଥିବାର ଜଣାଯାଇଛି । ତେବେ ଏବାବଦରେ ଆଜି ଉଦଳା ଥାନାରେ ବନ ବିଭାଗ ତରଫରୁ ଅଭିଯୋଗ ହେବାପରେ ପୋଲିସ ୬୮/୨୧ ନମ୍ବର ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାର ଜଣା ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### 'ଯୁଗଶ୍ରୀ ଯୁଗନାରୀ'ର ....

ନାରୀ ଆଭିମୁଖ୍ୟ ନେଇ ବହୁ ପୁରାତନ ମାସିକ ମହିଳା ପତ୍ରିକାର ସମ୍ପାଦିକାଙ୍କ ଦକ୍ଷତାକୁ ପ୍ରଶଂସା କରି ଚିନ୍ତାର ଭୂମଣ୍ଡଳୀକରଣ ଭାରତୀୟ ସାହିତ୍ୟକୁ ବଞ୍ଚାଇ ରଖିଛି ଯାହା ମନନଶୀଳ ଓ ବୁଝିବାକୁ ସମୟ ଲାଗେ । ମାତ୍ର ପରିପୂରକ ସାହିତ୍ୟ ସ୍ୱୀକୃତି ଅଭିମୁଖି । ଯୁଗଶ୍ରୀ ଯୁଗନାରୀ ଏକ ମନନଶୀଳ ଓ ସଂସ୍କାରଧର୍ମୀ ପତ୍ରିକା ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଡ. ମନୋରମା ମହାପାତ୍ର, କବୀ ଓ ସୁସାହିତ୍ୟିକା ଯୋଗଦେଇ କହିଲେ ଯେ, ନାରୀର ଗୌରବକୁ ଫେରାଇ ଆଣିବାରେ ଯୁଗଶ୍ରୀ ଯୁଗନାରୀ ପତ୍ରିକାର ଭୂମିକା ପ୍ରଶଂସନୀୟ । ସାରସ୍ୱତ ସାଧନା କ୍ଷେତ୍ରରେ ସମୟର ସମ୍ପଦକୁ ସତ୍ ଉପଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡାକ୍ତର ଅଶୋକ କୁମାର ମହାପାତ୍ର କୁଳପତି, ଶିକ୍ଷା 'ଓ' ଅନୁସନ୍ଧାନ ମାନିତ ବିଶ୍ୱବିଦ୍ୟାଳୟ ଯୋଗଦେଇ କହିଲେ ଯେ, ଓଡ଼ିଶାରେ ସାହିତ୍ୟ ସାଧନା ଅତି ଉଚ୍ଚକୋଟୀର ହୋଇଥିବାରୁ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଭଲ ଲେଖାପଢା କରୁଥିବା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବାରେ ଯୁଗଶ୍ରୀ ଯୁଗନାରୀର ଭୂମିକା ଅଭିନନ୍ଦନୀୟ । ଅନ୍ୟତମ ସମ୍ମାନିତ ଅତିଥି ଡ. ଭଗବାନପ୍ରକାଶ, ପୂର୍ବତନ ଉପଦେଷ୍ଟା, ନିର୍ବାଚନ ଆୟୋଗ, ଭାରତ ସରକାର ଯୋଗଦେଇ କହିଲେ ଯେ, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରି ପତ୍ରିକାର ଲୋକପ୍ରିୟତାର ପ୍ରଶଂସା କରିଥିଲେ ।

### ଭାରତ ଫେରିବେ ....

କୌଣସି ତାଳମେଳ ନଥିବା ଜଜ୍ କହିଛନ୍ତି । ଅନ୍ୟପଟେ ସାକ୍ଷୀ ମାନଙ୍କୁ ନୀରବ ମୋଦିଙ୍କ ପକ୍ଷରୁ ଧମକ ଚମକ ଦିଆଯାଉଥିବା କଥା କୋର୍ଟ ସ୍ୱୀକାର କରିଛନ୍ତି । କହିରଖୁ କି ଆଜିର ଶୁଣାଣି ପରେ ବ୍ରିଟେନର ୱେଷ୍ଟମିନିଷ୍ଟ୍ରେଟ୍ କୋର୍ଟରେ ନୀରବ ମୋଦିଙ୍କ ପ୍ରତ୍ୟାର୍ପଣ ମାମଲାର ଶୁଣାଣି ଶେଷ ହୋଇଛି । ଆଶା କରାଯାଉଛି କି ୧୩ ହଜାର କୋଟିର ବ୍ୟାଙ୍କ ଠକେଇ କରିଥିବା ନୀରବ ମୋଦି ଙ୍କୁ ଏବେ ଭାରତ ପଠାଇବ ବ୍ରିଟେନ୍ । ତାଙ୍କୁ ଭାରତ ଫେରାଇବା ନେଇ ହୋଇଥିବା ମାମଲାର ଶୁଣାଣି କରି ଗତ ମାସ କୋର୍ଟ ଆଜିର ତାରିଖରେ ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଥିଲେ । ପୂର୍ବମାସ ଶୁଣାଣି ବେଳେ ଭାରତୀୟ ଯାଂଚ ଏଜେନ୍ସି ର ପ୍ରତିନିଧିତ୍ୱ କରୁଥିବା କ୍ରାଓନ ପ୍ରସୁକ୍ୟୁସନ ସର୍ଭିସ(ସି.ପି.ସି) ବ୍ରିଟେନ କୋର୍ଟ କୁ କହିଥିଲେ କି ନୀରବ ମୋଦି 'ପୁଞ୍ଜି ଭଳି ଯୋଜନା' ରେ ସାମିଲ ଥିଲେ । ତେଣୁ ସେ ହିଁ ଅର୍ଥ ହେରଫେର ପାଇଁ ଦାୟୀ ଅଟନ୍ତି । ଏହି କ୍ରମରେ ସେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କା ଠକି ନେଇଥିଲେ । ଏହି ଶୁଣାଣି ବେଳେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ ପଳାତକ ନୀରବ ମୋଦି । କ୍ରାଓନ ପ୍ରସୁକ୍ୟୁସନ ସର୍ଭିସ କୋର୍ଟଙ୍କୁ ଆହୁରି କହିଥିଲେ କି ନୀରବ ମୋଦି ବ୍ୟାଙ୍କ ଅଧିକାରୀଙ୍କ ସହ ଷଡଯନ୍ତ୍ର କରି ୩ ଟି ଫର୍ମ (ଡାଇମଣ୍ଡସ୍, ସୋଲାର ଏକ୍ସପୋର୍ଟ,ରିଟେଲ ଡାଇମଣ୍ଡସ୍) କୁ ବ୍ୟବହାର କରି ବ୍ୟାଙ୍କକୁ ଧୋକ୍କା ଦେଇଥିଲେ ।

### ମଥୁରାରେ ଦିବ୍ୟାଙ୍ଗ ବିଦ୍ୟାଳୟ ....

ଉଦାହରଣ ଭାବରେ ଉଭା ହେଉଛି । ବାତ୍ସଲ୍ୟଗ୍ରାମ ବୃନ୍ଦାବନ ଠାରେ ତୈଳ ଓ ଗ୍ୟାସ ରାଷ୍ଟ୍ରାୟତ କମ୍ପାନୀ ଓଏନଜିସିର ସିଏସଆର୍ ସହଯୋଗରେ ସାଧ୍ୱୀ ରିତମ୍ଭରାଙ୍କ ପରମଶକ୍ତି ପୀଠର ସେବା ପ୍ରକଳ୍ପ ଅନ୍ତର୍ଗତ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମର୍ପିତ ବୈଶିଷ୍ଟ୍ୟମ ଆବାସିକ ବିଦ୍ୟାଳୟ ଏବଂ ପୁନର୍ବାସ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ ହୋଇଯିବା ଆନନ୍ଦର ବିଷୟ । ଏହି ବୈଶିଷ୍ଟ୍ୟମ କେନ୍ଦ୍ର ଭାରତର ବୈଦିକ ରୀତିନୀତି, ତପସ୍ୟା ଏବଂ ପରୋପକାରର ଆନନ୍ଦର ପ୍ରତିଫଳିତ କରୁଛି । ପ୍ରେମ ଏବଂ ପରୋପକାରର ଏହି ପବିତ୍ର ଭୂମି ବୃନ୍ଦାବନରେ ଏକ ପୂଣ୍ୟ କାର୍ଯ୍ୟକ୍ରମ ପାଇଁ ବାତ୍ସଲ୍ୟଗ୍ରାମକୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଛନ୍ତି । ପ୍ରେମ ଏବଂ ସମର୍ପଣର ଏହି ପୂଜ୍ୟଭୂମିରେ ଦିବ୍ୟାଙ୍ଗ ପିଲାଙ୍କ ପ୍ରତି ସମାଜର ଦାୟିତ୍ୱ ଏବଂ ଆତ୍ମୀୟତାର ଯଥାର୍ଥ କରିବା ସହ ଏହି ବୈଶିଷ୍ଟ୍ୟମ କେନ୍ଦ୍ର ଶାରୀରିକ ଏବଂ ମାନସିକ ବିକଳାଙ୍ଗ କାରଣରୁ ପରିତ୍ୟକ୍ତ ପିଲାମାନଙ୍କୁ ଶିକ୍ଷା, ଗୃହ ଏବଂ ତାଲିମ ଦେବା ଦ୍ୱାରା ସେମାନେ ଆତ୍ମନିର୍ଭର ହେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ । କେବଳ ଏହି ଆଶ୍ରମ ନୁହେଁ ବରଂ ସମସ୍ତେ ସମାଜରେ ନିଜ ନିଜ ବ୍ୟବସ୍ଥାରେ ଦିବ୍ୟାଙ୍ଗ ତଥା ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପାଇଁ ଦାୟିତ୍ୱ ନେବା ପାଇଁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବୈଶିଷ୍ଟ୍ୟମ କେନ୍ଦ୍ରର ଶିଳାନ୍ୟାସ କରିବା ଅବସରରେ ଶ୍ରୀ ପ୍ରଧାନ ଦିବ୍ୟାଙ୍ଗ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ବିହଙ୍ଗମ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସେମାନଙ୍କ ସହ ସମୟ ମଧ୍ୟ ବିତାଇଥିଲେ ।

### କଂଗ୍ରେସ ଭବନ ପାଲଟିଲା ....

ଏଥିସହ ପିପିଲି ଉପନିର୍ବାଚନ ପ୍ରସଙ୍ଗରେ ମଧ ଆଲୋଚନା ହେବାର ଥିଲା । ତେବେ ଏହି ବୈଠକ ପୂର୍ବରୁ କଂଗ୍ରେସର ଦୁଇଟି ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ମହାଭାରତ । ଠେଲାପେଲା, ମୁଥା ମରାମରି । ବିଷ୍ଣୁ ବାରିକଙ୍କ ଗୋଷ୍ଠୀ ଏବଂ ଚିରଞ୍ଜିବୀ ବିଶ୍ୱାଳଙ୍କ ସମର୍ଥକ ମଧ୍ୟରେ ବିବାଦ ଭୟଙ୍କର ରୂପ ନେଇଥିଲା । ବରିଷ୍ଠ ବିଧାୟକ ସୁର ରାଉତରାୟ ସେଠାରେ ପହଂଚି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନଥିଲା । ଏହି ଗଣ୍ଡଗୋଳ ଚାଲିଥିବା ବେଳେ ବିଷ୍ଣୁ ବାରିକଙ୍କୁ ଏକ କୋଠରୀରେ ବନ୍ଦ କରି ରଖିଦେଇଥିଲେ ଗୋଟିଏ ଗୋଷ୍ଠୀ । ସେହି କୋଠରୀରୁ ବାହାରିବାପରେ ବିଷ୍ଣୁ ବାରିକଙ୍କ ଉତର ଥିଲା , ସେ ଦଳବିରୋଧି କାମ କରିନାହାନ୍ତି । ତାଙ୍କୁ ସହିନପାରି ଏପରି କାଣ୍ଡ କରାଯାଇଛି । ପିସିସି ସଭାପତିଙ୍କ ଉପସ୍ଥିତିରେ କଂଗ୍ରେସ ଭବନରେ ଏସବୁ କିଛି ଚାଲିଥିଲା । ଶେଷରେ ପିସିସି ସଭାପତି ଘଟଣାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । ଦୁଇ ଗୋଷ୍ଠୀଙ୍କୁ ଡକାଇ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ସମାଧାନର ବାଟ ବାହାରିନଥିଲା । କଂଗ୍ରେସ କର୍ମୀମାନେ କଂଗ୍ରେସ ଭବନ ଛାଡି ଚାଲିଯାଇଥିଲେ । ଘର କଳି ଯେତେବେଳେ ଦାଣ୍ଡରେ ପଡି ହାଟରେ ଗଡେ ସେତେବେଳେ କୋଉଠି ନା କୋଉଠି ଅସୁବିଧା ରହିଥାଏ । ଯାହା ଖୋଲାଖୋଲି ଦେଖିବାକୁ ମିଳିଥିଲା କଂଗ୍ରେସ ଭବନରେ ।

### ମହିଳା ଓ ଶିଶୁ ବିକାଶ ବିଭାଗର....

ସଶକ୍ତିକରଣ ଏବଂ ଶିଶୁମାନଙ୍କର କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରି ଆସୁଛି । ଏଥିପାଇଁ ପଂଚାୟତ ଅନୁଷ୍ଠାନ ମାନଙ୍କରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ଠାରୁ ଆରମ୍ଭ କରି ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ୮୦ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି । ରାଜ୍ୟ ସରକାରଙ୍କର ଉଦ୍ୟମରେ ଓଡ଼ିଶା ଆଜି ମହିଳା ସଶକ୍ତି କରଣ, ଶିଶୁମାନଙ୍କର ଯତ୍ନ ଏବଂ ପୁଷ୍ଟି କ୍ଷେତ୍ରରେ ସାରା ଦେଶରେ ଏକ ଆଦର୍ଶ ରାଜ୍ୟ ହୋଇପାରିଛି । ସାରା ଦେଶରେ ଏ ପର୍ଯ୍ୟନ୍ତ କେବଳ ଓଡ଼ିଶାରେ ହିଁ ପୁଷ୍ଟି ବଜେଟ୍ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ଲୋକାର୍ପିତ ୫-ଟି ଅନ୍‌ଲାଇନ୍ ସେବା, ପରିବର୍ତିତ ପରିସ୍ଥିତିରେ ହିତାଧିକାରୀଙ୍କୁ ଗୁଣାତ୍ମକ ସେବା ଯୋଗାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏ ଅବସରରେ ଉଦ୍‌ବୋଧନ ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ କହିଥିଲେ ଯେ ରାଜ୍ୟ ସରକାର ମହିଳା ଓ ଶିଶୁ ବିଭାଗର କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟର କୋଣ ଅନୁକୋଣରେ ପ୍ରତି ପରିବାର ପାଖରେ ପହଂଚି ପାରିଛି ବୋଲି ଶ୍ରୀମତୀ ସାହୁ କହିଥିଲେ । ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ଅନୁ ଗର୍ଗ ଲୋକାର୍ପିତ ହୋଇଥିବା ଅନ୍‌ଲାଇନ ସେବା ବିଷୟରେ ସମ୍ୟକ ସୁଚନା ତାଙ୍କ ସ୍ୱାଗତ ଭାଷଣରେ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଇ-କଳିକା ଆପ ଜରିଆରେ କ୍ରେଚ୍‌ରେ ରହୁଥିବା ୩ ବର୍ଷରୁ କମ୍ ବୟସ୍କ ଶିଶୁମାନଙ୍କ ପାଇଁ ଥିବା ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ତଦାରଖ କରାଯାଇପାରିବ । ଏଥିରେ ମା ମାନଙ୍କୁ ଶିଶୁ ମାନଙ୍କ ଯତ୍ନ, ତତ୍ ସମ୍ବନ୍ଧୀୟ ତଥ୍ୟ, ପ୍ରତି ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶକୁ ନଜର ରଖାଯାଇପାରିବ । ମୋ-ଛତୁଆ ଆପ୍ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ଛତୁଆ ଓ ଏହାର ଯୋଗାଣ ପଦ୍ଧତିକୁ ଅଧିକ ବ୍ୟବସ୍ଥିତ ଓ ପାରିଦର୍ଶୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟକ ମାନଙ୍କୁ ମାନଦେୟ / ପ୍ରୋତ୍ସାହନ ପାଇଁ ଇ-ମାନଦେୟ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଅଛି । ରାଜ୍ୟ ସରକାରଙ୍କର ଅନ୍ୟତମ ଲୋକପ୍ରିୟ କାର୍ଯ୍ୟକ୍ରମ ମମତାକୁ ଆହୁରି ଲୋକାଭିମୁଖୀ ଓ ସେବା କୈନ୍ଦ୍ରିକ କରିବା ପାଇଁ ମମତା ମୋବାଇଲ ଆପ୍ ଖୋଲାଯାଇଛି । ଏଥିରେ ଘରେ ବସି ମା ମାନେ ପଞ୍ଜିକରଣ ଠାରୁ ଆରମ୍ଭ କରି ବ୍ୟାଙ୍କ ଖାତାରେ ଟଙ୍କା ଦାଖଲ ପର୍ଯ୍ୟନ୍ତ ସବୁ ତଥ୍ୟ ପାଇପାରିବେ ଏବଂ ଅଭିଯୋଗ ପାଇଁ ୧୮୧ ହେଲ୍ପଲାଇନକୁ ମଧ ବ୍ୟବହାର କରିପାରିବେ । ସେହିପରି ମୋ ଶିଶୁ ପୋର୍ଟାଲ ଶିଶୁ ସୁରକ୍ଷା ସେବାକୁ ତଦାରଖ ଓ ଦ୍ରୁତଗାମୀ କରିବା ପାଇଁ ଏକ ସରଳ ବ୍ୟବସ୍ଥା । ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନେ ଏହାଦ୍ୱାରା ଉପକୃତ ହୋଇପାରିବେ । ଶିଶୁ ମଙ୍ଗଳ କମିଟି ଓ କିଶୋର ନ୍ୟାୟ ବୋର୍ଡ଼ ମଧ ଅନଲାଇନରେ ବିଭିନ୍ନ ତଥ୍ୟକୁ ଅନୁଧାନ କରି ଶିଶୁମାନଙ୍କ ଥଇଥାନ କାର୍ଯ୍ୟକାରୀ କରିପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିଭାଗରେ ୫-ଟି କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ, ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟବିଭାଗର ଅତିରିକ୍ତ ସଚିବ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ୫ଟି ଜାତୀୟ ଆନ୍ତର୍ଜାତୀୟ ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଘରକୁ ନେବା ଶୁଖିଲା ଖାଦ୍ୟର ମାନବୃଦ୍ଧି ପାଇଁ ବୈଷୟିକ ସହଯୋଗ ଓ ମିଶନ ଶକ୍ତି ମା ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସି.ଏଫ୍.ଟି.ଆର.ଆଇ ସହିତ, ଘରକୁ ନେବା ଶୁଖିଲା ଖାଦ୍ୟର ଗୁଣବତାର ଉନ୍ନତି ଏବଂ ପୁଷ୍ଟିକର ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହିତ, ମା ଶିଶୁ ଓ କିଶୋରୀ ମାନଙ୍କର ପୁଷ୍ଟିହୀନତା ଚିହ୍ନଟ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାପାଇଁ ଆଇ.ସି.ଏମ୍.ଆର ସହିତ ଏବଂ ଶିଶୁ ସୁରକ୍ଷାକୁ ନିଶ୍ଚିତ କରିବାପାଇଁ ତୃଣମୂଳ ସ୍ତରରୁ ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ମାନବସମ୍ବଳର ଦକ୍ଷତା ବୃଦ୍ଧି ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ୟୁନିସେଫ ମଧ୍ୟରେ ବୁଝାମୁଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ।

### ଦେଶରେ ବଢୁଛି କରୋନା ମିଟର...

ସହର ସମେତ ରାଜ୍ୟର ଏକାଧିକ ସହରାଞ୍ଚଳରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । କେରଳରେ କରୋନା ସଂକ୍ରମଣ ହାର ମହାରାଷ୍ଟ୍ର ଅପେକ୍ଷା କମ୍ ରହିଥିଲେ ମଧ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଧିକ ରହିଛି । ମହାରାଷ୍ଟ୍ରରେ କାୟା ମେଲାଉଛି ମହାମାରୀ କରୋନା । ୨୪ ଘଣ୍ଟାରେ ୮ ହଜାର ୮୦୭ ନୂଆ ଆକ୍ରାନ୍ତ ଚିହ୍ନଟ । ମହାମାରୀ କରୋନା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ମହାରାଷ୍ଟ୍ରରେ ପୁଣି ଥରେ ଭୟ ଓ ଆତଙ୍କ ସୃଷ୍ଟି କରିଛି । ମଙ୍ଗଳବାର ୬ ହଜାର ୨ ଶହ ୧୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୁଧବାରକୁ ଏହି ସଂଖ୍ୟା ଏବେ ୮ହଜାର ଟପି ଯାଇଛି । ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରେ ଚିହ୍ନଟ ହୋଇଛନ୍ତି ୮ ହଜାର ୮୦୭ ନୂଆ ଆକ୍ରାନ୍ତ । ଅର୍ଥାତ୍ ମାତ୍ର ୨୪ ଘଣ୍ଟାରେ ରାଜ୍ୟରେ ୨୬ ଶହରୁ ଅଧିକ ବଢିଗଲା ସଂକ୍ରମଣ । ଯାହାକି ମହରାଷ୍ଟ ସରକାର ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି । କେବଳ ମୁମ୍ବାଇରେ ଦିନକରେ ଚିହ୍ନଟ ହୋଇଛନ୍ତି ୧ ହଜାର ୧୬୭ ନୂଆ ଆକ୍ରାନ୍ତ । ଦେଶରେ ମୋଟ ୧ ଲକ୍ଷ ୫୧ ହଜାର ଆକ୍ରାନ୍ତ ଥିବାବେଳେ କେବଳ ମହାରାଷ୍ଟ୍ରରେ ବର୍ତମାନ ୫୯ ହଜାର ନୂଆ ଆକ୍ରାନ୍ତ ରହିଛନ୍ତି ।

## କରୋନା ପୁନଃ ସଂକ୍ରମଣ ଓ ସମ୍ଭାବ୍ୟ ଅଂଶୁଘାତ ସଚେତନତା ଶିବିର

ଭଦ୍ରକ,୨୫।୦୨ (ନି.ପ୍ର): କରୋନା ମହାମାରୀର ପୁନଃ ସଂକ୍ରମଣ ଓ ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ପୂର୍ବକ ସମ୍ଭାବ୍ୟ ଅଂଶୁଘାତର କବଳରୁ ମୁକାବିଲା କରିବା ପାଇଁ ଏକ ସଚେତନତା ଶିବିର ଓ ପ୍ରସ୍ତୁତି ବୈଠକ ଭଦ୍ରକ ବସ୍ ସିଣ୍ଡିକେଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସିଣ୍ଡିକେଟର ସଭାପତି ମୀର ଅବଦୁଲ ଗୌଫ ସଭାପତିତ୍ୱ କରିଥିବା ବେଳେ ସିଣ୍ଡିକେଟର ସାଧାରଣ ସମ୍ପାଦକ ଦିଲିପ ନାୟକ ଶିବିରର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଚଣ୍ଡ ରୌଦ୍ରରେ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀମାନଙ୍କ ସୁରକ୍ଷା, କରୋନା ସଂକ୍ରମଣରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ମାସ୍କ ବ୍ୟବହାର ଓ ଯାତ୍ରୀମାନେ ସାମାଜିକ ଦୂରତ୍ୱ ରକ୍ଷା କରି ବସ୍‌ରେ ଯେପରି ଯାତାୟତ କରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାବ୍ୟତୀତ ଚଳାଚଳ କରୁଥିବା ସମସ୍ତ ବସ୍‌ର କଣ୍ଡକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ବିନା ମାସ୍କ ଓ ସାନିଟାଇଜରରେ ଯାତ୍ରୀମାନଙ୍କୁ ବସ୍ ଭିତରକୁ ପ୍ରବେଶ କରାଇବାକୁ ବାରଣ କରିବା ପାଇଁ ବସ୍ ମାଲିକମାନଙ୍କୁ କହିଥିଲେ । ସିଣ୍ଡିକେଟର ଉପସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତ କରୋନା ସମୟରେ ଘଟିଯାଇଥିବା ବିପର୍ଯ୍ୟୟ ଓ ଦୁର୍ଦ୍ଦଶାର ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବା ପାଇଁ ସମସ୍ତ କର୍ମକର୍ତ୍ତା ଓ ସହୃମାନଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କ ପକ୍ଷରୁ ଟୀକାକରଣ ବ୍ୟବସ୍ଥାକୁ ସମସ୍ତେ ଗ୍ରହଣ କରିନେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପାର୍ଥସାରଥୀ ମହାପାତ୍ର ଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ସରକାରଙ୍କ କରୋନା ଜନିତ ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରି ଯାତ୍ରୀମାନଙ୍କ ଶୃଙ୍ଖଳିତ ଯାତ୍ରା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ସଂଘର ବରିଷ୍ଠ ସଦସ୍ୟ ସୋମନାଥ ସାହୁ (ପଦ୍ମ ବାବୁ) ବୈଠକ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଦିଲିପ ମହାନାୟକ ଓ ସହକୋଷାଧ୍ୟକ୍ଷ ଅଭୟ କୁମାର ପାଢୀ, ସହସମ୍ପାଦକ ପ୍ରଫୁଲ୍ଲ କର, ବିଶ୍ୱଜିତ ସାହୁ, ରବିନାରାୟଣ ପଣ୍ଡା, ବାବ୍ ଅହମଦ ଖାଁ ପ୍ରମୁଖ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମ ଉପରେ ସୁଚିନ୍ତିତ ମତ ରଖିଥିଲେ ।

## ୪୫ କିଲୋ ଓଜନର ମୂଲ୍ୟବାନ ହାତୀଦାନ୍ତ ଜବଦ, ୨ ଗିରଫ

ବାରିପଦା,୨୫।୦୨ (ନି.ପ୍ର): ଆଜି ବାରିପଦା ବନଖଣ୍ଡ ଅଧିନ ଉଦଳା ରେଞ୍ଜ ଅନ୍ତର୍ଗତ ଅଙ୍ଗାରପଦା ଗ୍ରାମ ନିକଟରୁ ବନ ବିଭାଗର ସ୍ୱତନ୍ତ୍ର ଟିମ ଚଢାଉକରି ୪୪.୯୦ କିଲୋଗ୍ରାମ ଓଜନର ଗୋଟିଏ ବୟସ୍କ ହାତିର ୨ଟି ଯାକ ମୁଲ୍ୟବାନ ଦାନ୍ତ ଜବଦ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଥିବାର ବାରିପଦା ଡିଏଫଓ ସନ୍ତୋଷ ଯୋଶୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଉଦ୍ଧାର ହୋଇଥିବା ଗୋଟିଏ ଦାନ୍ତର ଲମ୍ବ ୫ଫୁଟ ୬ଇଞ୍ଚ ହୋଇଥିବା ବେଳେ ଅନ୍ୟ ଗୋଟିଏ ଦାନ୍ତର ଲମ୍ବ ୫ଫୁଟ ୨ଇଞ୍ଚ ବୋଲି ଜଣାଯାଇଛି । ତେବେ ୨ଟି ହାତିଦାନ୍ତକୁ ୮ଖଣ୍ଡ କରି ରଖାଯାଇଥିବାର ଦେଖାଯାଇଛି । ବନବିଭାଗ ଏହି ମୂଲ୍ୟବାନ ହାତିଦାନ୍ତ ଜବଦ କରିବା ସହିତ ଅନନ୍ତପୁର ଗ୍ରାମର ପିଥ ସୋରେନ ୪୫ ବର୍ଷ ଓ ଅଙ୍ଗାରପଦା ଗ୍ରାମର ଫାଗୁ ପ୍ରସାଦ ହାଁସଦା ୪୪ ବର୍ଷକୁ



ଗିରଫ କରାଯାଇଥିବାର ଖବର ମିଳିଛି । ଏବାବଦରେ ୱାଇଲ୍ଡ ଲାଇଫ ପ୍ରଟେକ୍ସନ ଏକ୍ଟରେ ୭୬/ ୨୧ ନମ୍ବର ମୂଳେ ଏକ କେସ ରୁଜୁ କରାଯିବା ସହିତ ଘଟଣାର ଅଧିକ ତଦନ୍ତ ଚାଲିଥିବାର ଜଣାଯାଇଛି । ତେବେ ଶିମିଳିପାଳ ଅଭ୍ୟାରଣ୍ୟରେ ବାରମ୍ବାର ହାତୀମୃତ୍ୟୁ ତଥା ହାତୀଦାନ୍ତ ଧରାପଡିବା ଖୁଲୁମଖୁଲା ହାତୀ ଶିକାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ, ବନ ବିଭାଗ ଅପରାଧି ତଥା ଶୀକାରିଙ୍କୁ ଧରିବାରେ ଅନେକ ସ୍ଥଳରେ ଫେଲ ମାରୁଥିବାର ଦେଯାଯାଉଛି । ଏହି ହାତିଦାନ୍ତ ବିକ୍ରୟ ପାଇଁ କଥାବାର୍ତ୍ତା ଚାଲିଥିଲା ବୋଲି ଜଣାଯାଇଛି । ତେବେ ଏହି ଡିଲ ବେଳେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗର ସ୍ୱତନ୍ତ୍ର ଟିମ ଅଚାନକ ଚଢାଉକରି ହାତିଦାନ୍ତ ଜବଦ କରିବା ସହିତ ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ତେବେ ଗିରଫ ଆସାମୀ ମାନେ ୫/୬ ମାସ ତଳେ ବଣକୁ ଦାନ୍ତକାଠି ବାଙ୍ଗିବାକୁ ଯାଇଥିବା ବେଳେ ମଲାହାତି ପଡିଥିବାର ଦେଖି ଦାନ୍ତ କୁରାଢୀରେ କାଟି ବାହାର କରିଥିବା କଥା କହିଥିବା ବେଳେ, ସେମାନେ ହାତି ଶୀକାର କରିନଥିବା କହିଛନ୍ତି । ତେବେ ଏହି ଘଟଣା ପଛରେ ଏକ ଅନ୍ତରାଜ୍ୟ ହାତିଦାନ୍ତ ବେପାରୀ ଟିମର ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି । ଘଟଣାର ସବିଶେଷ ତଦନ୍ତ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ଯୋଶୀ ସାମ୍ବାଦିକ ମାନଙ୍କୁ କହିଛନ୍ତି ।

## ସରକାରଙ୍କ ବିଦ୍ୟାଳୟ ବନ୍ଦ ନୀତିକୁ ବିରୋଧ : ଏଆଇଡିଏସଓ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୨୫।୦୨ (ନି.ପ୍ର): ଛାତ୍ରଛାତ୍ରୀ ସଂଖ୍ୟାହ୍ରାସ ଓ କରୋନା ଆଳ ଦେଖାଇ ପ୍ରାଥମିକ ବିଦ୍ୟାଳୟ ଓ ବିଏଡ କଲେଜ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ସମ୍ପ୍ରତି ସବୁ ମହଲରେ ବିରୋଧ ଆରମ୍ଭ ହୋଇଛି । ଏହି ପରିପେକ୍ଷୀରେ ଅଲ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ (ଏଆଇଡିଏସଓ) ଏବଂ ମିଳିତ ସ୍କୁଲ ସୁରକ୍ଷା ସମନ୍ୱୟ କମିଟି ପକ୍ଷରୁ ସରକାରଙ୍କ ନିଷ୍ପତିକୁ ଦୃଢ଼ ବିରୋଧ କରାଯାଇଥିବା ଦେଖିବାକୁ ମିଳିଛି । ଦୁଇ ସଂଗଠନ ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ଏକ ପ୍ରତିବାଦ କାର୍ଯ୍ୟକ୍ରମରେ




'ଏଆଇଡିଏସଓ' ର ବାଲେଶ୍ୱର ଆବାହକ କୃଷ୍ଣାରାଣୀ ସାହୁ ପୌରୋହିତ୍ୟ କରିବା ସହିତ ସରକାରଙ୍କ ବିଦ୍ୟାଳୟ ବନ୍ଦ ଶିକ୍ଷାନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଆବହକ ପ୍ରଶାନ୍ତ ଦାସ, ହରକୃଷ୍ଣ ଦାସ, ନିତ୍ୟାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ଜେନା, ତାପସ ବାରିକ, ଅହଲ୍ୟା ସାମଲ, ପ୍ରବୀର କୁମାର ଜେନା ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଲୋକାଭିମୁଖୀ କରିବା ପରିବର୍ତ୍ତେ ଏହାକୁ ଘରୋଇକରଣ ପାଇଁ ଏଭଳି ବିଦ୍ୟାଳୟ ବନ୍ଦ ନିଷ୍ପତି ନେଇଥିବା ଆରୋପ ଉଠାଇଥିଲେ । ଏହା ଦ୍ୱାରା ରାଜ୍ୟରେ ୧୩ ହଜାର ୩୭୯ ଗୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଏବଂ ୧୪ଟି ବିଏଡ କଲେଜ ବନ୍ଦ ହେବାକୁ ଯାଉଛି । ତନ୍ମଧ୍ୟରୁ ବାଲେଶ୍ୱର ଜିଲାରେ ୨୬୨ ଗୋଟି ବିଦ୍ୟାଳୟ ସମେତ ଏକମାତ୍ର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବନ୍ଦ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ସରକାର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନେଇ ନପାରି ଘରୋଇ ଶିକ୍ଷାନୁଷ୍ଠାନଙ୍କ ସ୍ୱାର୍ଥରକ୍ଷା ପାଇଁ ଏଭଳି ପଦକ୍ଷେପ ନେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## କରୋନାର ସଫଳ ପରିଚାଳନା ସହ ଦୁନିଆ ପାଇଁ ଭାରତ ଏକ ଉଦାହରଣ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୫।୦୨ (ନି.ପ୍ର): ଭାରତ କରୋନାର ସଫଳ ପରିଚାଳନା ସହ ଦୁନିଆ ପାଇଁ ଏକ ଉଦାହରଣ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ କରୋନାର ସଫଳ ପରିଚାଳନା ସହ ଦୁନିଆ ପାଇଁ ଏକ ଉଦାହରଣ ତିଆରି କରିଛି । ମାର୍ଚ୍ଚ ୧ ରୁ ସମଗ୍ର ଦେଶରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱର ସବୁଠୁ ବଡ଼ ଟିକାକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ କରୋନା ବିରୋଧୀ ଭାରତର ମୁକାବିଲାରେ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ । ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୧.୨୧ କୋଟି ସ୍ୱାସ୍ଥ୍ୟକର୍ମୀ ଏବଂ ଆଗଧାଡ଼ିର ଯୋଦ୍ଧା ମାନଙ୍କୁ କୋଭିଡ୍ ଟିକା ଦିଆଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଭାରତ ସରକାରଙ୍କ ଦ୍ୱାରା ୧୦ ହଜାର ସରକାରୀ କେନ୍ଦ୍ରରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ କୌଣସି ରୋଗରେ ପୀଡ଼ିତ ଥିବା ୪୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଟୀକା ଦିଆଯିବ । ପ୍ରଧାନମନ୍ତ୍ରୀ ଜୀଙ୍କ ଏହି ସ୍ୱାଗତଯୋଗ୍ୟ ନିଷ୍ପତି କାରଣରୁ ଏହି ବର୍ଗର ପ୍ରାୟ ୧୦କୋଟି ଲୋକମାନଙ୍କୁ ସରକାରୀ କେନ୍ଦ୍ରରେ ମାଗଣା ଟିକାକରଣର ଲାଭ ମିଳିପାରିବ ।

## ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବିରେ ସ୍ମାରକପତ୍ର




ବାଲେଶ୍ୱର,୨୫।୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନସଂଖ୍ୟା ସାମାଧାନ ଫାଉଣ୍ଡେସନ' ପକ୍ଷରୁ ଦେଶର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବିରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସଚେତନତା ଅଭାବରୁ ସମ୍ପ୍ରତି ଦେଶର ଜନସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ୧୩୮ କୋଟିରେ ପହଞ୍ଚିଛି । ପ୍ରତିଘଣ୍ଟାରେ ଦେଶରେ ୩ହଜାର ଶିଶୁ ଜନ୍ମ ନେଉଥିବା ବେଳେ ୨୦୪୦ ସୁଦ୍ଧା ଏହା ୨ଶହ କୋଟି ଟପିଯିବା ନେଇ ସଂଗଠନର କର୍ମକର୍ତ୍ତାମାନେ ଆଶଙ୍କା ପ୍ରକଟ କରିଛନ୍ତି । ସୀମିତ ସମ୍ବଳ ମଧ୍ୟରେ ଜନସଂଖ୍ୟା ବିସ୍ଫୋରଣ ଆଗାମୀ ଦିନରେ ଦେଶର ସବୁ କ୍ଷେତ୍ର ଅବ୍ୟବସ୍ଥା ମଧ୍ୟ ଚାଲିଯିବ ବୋଲି ସେମାନେ କହିଛନ୍ତି । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ଖାଦ୍ର ଯୋଗାଣ ପ୍ରଭୃତି କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହେବାକୁ ଯାଉଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର କଠୋର ଜନ୍ମ ନିୟନ୍ତ୍ରଣ ଆଇ ପ୍ରଣୟନ ପାଇଁ ଜନସଂଖ୍ୟା ସାମାଧାନ ଫାଉଣ୍ଡେସନ ଦାବି କରିଛି । ଗୋଟିଏ କିମ୍ବା ଦୁଇଟି ସନ୍ତାନ ଜନ୍ମ କରିବା ବାଧ୍ୟତାମୂଳକ ହେଲେ ଆଜାମୀ ଦିନରେ ହେବାକୁ ଯାଉଥିବା ଜନସଂଖ୍ୟା ବିସ୍ଫୋରଣ ରୋକାଯାଇ ପାରିବ ବୋଲି ଫାଉଣ୍ଡେସନର କର୍ମକର୍ତ୍ତାମାନେ କହିଛନ୍ତି । ଦୁଇରୁ ଅଧିକ ସନ୍ତାନ ଜନ୍ମ ସହ ନିୟମ ଉଲଂଘନ କରୁଥିବା ପରିବାରକୁ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବାର ଆବଶ୍ୟକ ରହିଛି ବୋଲି ସେମାନେ ମତ ଦେଇଛନ୍ତି । ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସବୁମହଲରୁ ସ୍ୱର ଉତ୍ତୋଳନ ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଫାଉଣ୍ଡେସନର ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛି ।

## ଦର୍ଜିପୋଖରୀ ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୫।୦୨ (ନି.ପ୍ର): ବାଲେଶ୍ୱର ସହରର ଦର୍ଜିପୋଖରୀସ୍ଥିତ ପ୍ରଭୁ ଶିରିଡ଼ି ସାଇଙ୍କ ମନ୍ଦିରର ୯ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସକାଳେ ବିଶେଷ ନୀତି ପୂଜା ସହିତ ପ୍ରାର୍ଥନା ଓ ଆରତୀ ଆଦି ସମ୍ପନ୍ନ ହୋଇଥିଲା । ପରେ ଯଜ୍ଞ ଓ ଅନ୍ୟାନ୍ୟ କର୍ମକାଣ୍ଡ ଅନୁଷ୍ଠିତ ହୋଇଥଲା । ସାରା ଦିନରେ ୩ ଥର ଆରତୀ ସାଙ୍ଗକୁ ସାମୂହିକ ସାଇ ପାରାୟଣ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ମନ୍ଦିରର ମୁଖ୍ୟ ପୂଜକ ବିଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପଣ୍ଡିତଙ୍କ ବେଦମନ୍ତ୍ର ସାଙ୍ଗକୁ ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳ ଭାବାବେଗମୟ ହୋଇ ଉଠିଥିଲା । ଯଜ୍ଞ ପୂର୍ଣ୍ଣାହୁତି ପରେ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଦର୍ଜିପୋଖରୀ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## କରୋନା ଟିକା ନେଲେ ବିଏମସି କମିଶନର

ଭୁବନେଶ୍ୱର,୨୫।୦୨ (ନି.ପ୍ର): ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧରୀ ଗୁରୁବାର ଦିନ କ୍ୟାପିଟାଲ ହସ୍ପିଟାଲରେ କରୋନା ଟୀକା ନେଇଛନ୍ତି । ଟୀକା ନେବା ପରେ ସେ ପୂରା ସୁସ୍ଥ ଥିବା କହିଛନ୍ତି । ଟୀକାକରଣ ସମ୍ପର୍କରେ ଲୋକେ କୌଣସି ଗୁଜବକୁ ବିଶ୍ୱାସ କରିବା ଉଚିତ ନୁହେଁ । ନିଜେ ଟୀକା ନିଅନ୍ତୁ, ଟୀକା ନେବାକୁ ଅନ୍ୟମାନଙ୍କୁ ମଧ ପ୍ରୋତ୍ସାହିତ କରନ୍ତୁ ବୋଲି ସେ କହିଛନ୍ତି । । କମିଶନର କହିଛନ୍ତି ଯେ ଏହା ପୂରା ସୁରକ୍ଷିତ । ଯେଉଁମାନଙ୍କୁ ସୁଯୋଗ ମିଳୁଛି ଟୀକା ନେବା ଉଚିତ । ଏହାଦ୍ୱାରା ସେମାନେ ଅନ୍ୟମାନଙ୍କୁ ବି ସୁରକ୍ଷିତ ରଖିପାରିବେ । ଅପରପକ୍ଷରେ ଆସନ୍ତା ମାର୍ଚ୍ଚ ୧ ତାରିଖ ଠାରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମାନଙ୍କୁ ଟୀକାଦାନ ଆରମ୍ଭ ହେବ । ବିଏମ୍‌ସି ସର୍ଭେ ଅନୁସାରେ ୨୦ରୁ ୨୫ ହଜାର ବରିଷ୍ଠ ନାଗରିକଙ୍କ ତଥ୍ୟ ଅଛି । ୩ଟି ଜୋନ୍ ରେ ୩ ଟି ଟିମ୍ ବରିଷ୍ଠ ନାଗରିକଙ୍କ ତଥ୍ୟ ସଂଗ୍ରହ କରୁଛି । ଫାଇନାଲ ଡାଟା ଆସିଲେ ଟୀକାକରଣର ପ୍ରସ୍ତୁତି କରାଯିବ । ଆଗରୁ ଯେଉଁ ସବୁ ହସ୍ପିଟାଲରେ ଟୀକା ଦିଆଯାଇଥିଲା, ସେହି ସବୁ ସ୍ଥାନରେ ଭ୍ୟାକ୍ସିନେସନ କରାଯିବ ବୋଲି ବିଏମ୍‌ସି କମିଶନର କହିଛନ୍ତି ।

## ବ୍ଲକ ସ୍ତରୀୟ ସମନ୍ୱୟ ମେଳ : ୧୮୪ ଏସ୍‌ଏସ୍‌ଜି ମହିଳାଙ୍କୁ ସାଢେ ୩ କୋଟି ଋଣ ମଂଜୁର



ଜଳେଶ୍ୱର ୨୫/୨ (ନି.ପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସମ୍ମିଳନୀ କକ୍ଷରେ ଆଜି ଗୁରୁବାର ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଡିଓ ଦିପ୍ତିରଂଜନ ସେଠୀ ଅଧ୍ୟକ୍ଷ୍ୟତା କରିଥିଲେ । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୌଶିକ ପାତ୍ର ଏଥିରେ ଯୋଗ ଦେଇ ଏସ୍‌ଏସ୍‌ଜି ଗୁଡିକର ବିଭିନ୍ନ କାର୍ଯ୍ୟ ଦକ୍ଷତା ଏବଂ ସାମାଜିକ ଦାୟିତ୍ୱ ତୁଲାଇଥିବା ସଂପର୍କରେ କହିଥିଲେ । ଏଥିରେ ୧୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ପ୍ରକଳ୍ପ ଋଣ ଲାଗି ଆବେଦନ କରିଥିବା ୩ କୋଟି୪୬ଲକ୍ଷ୬୪ ହଜାର ଟଙ୍କାର ମଂଜୁର ହୋଇଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମପଂଚାୟତ ସମ୍ପ୍ରସାରଣ ଅଧିକାରୀ ମାୟାଧର ମଲ୍ଲିକ, ବ୍ଲକ ସମାଜ ମଂଗଳ ସଂପ୍ରସାରଣ ଅଧିକାରୀ ସୁଜୟ କୁମାର ଚନ୍ଦ, ଜୀବିକା ମଶନର ବିପିଏମ୍ ମଧୁମିତା ଦାସ, ମିଶନ ଶକ୍ତି ବିପିସି ଲୋପାମୁଦ୍ର ପରିଡା, ଆଇସିଡିଏସ୍ ପରିଦର୍ଶୀକା ବିନତାରାଣୀ ସିଂହ ଏଥିରେ ଅଂଶ ଗ୍ରହଣ କରିଥିଲେ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରାଜପୁର ଗ୍ରାମ୍ୟ ବ୍ୟାଙ୍କ, ଜଳେଶ୍ୱର, ରାଇବଣିଆର ୟୁକୋ ବ୍ୟାଙ୍କ, ପଂଜାବ ନେସନାଲ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ, ୟୁବିଆଇର ଜଳେଶ୍ୱର ଓ ଛମୌଜ, ବରୋଦା ବ୍ୟାଙ୍କ ଅଫ ଇଣ୍ଡିଆ, ଏକ୍ସି ବ୍ୟାଙ୍କର ପରିଚାଳକ ମାନେ ଏଥିରେ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

## ଉନ୍ନୟନ କାର୍ଯ୍ୟରେ ପାତର ଅନ୍ତର : ଅଧିକାରୀଙ୍କୁ ଭେଟିରେ ବିଜେପି ସଭାପତି

ଜଳେଶ୍ୱର ୨୫/୨ (ନି.ପ୍ର) : ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟିରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ ଏକ ରାଜନୈତିକ ଦଳକୁ ଅଧିକ ଗୁରୁତ୍ୱ ଦେଉଥିବାର ଅଭିଯୋଗ କରିଛନ୍ତି ବାଲେଶ୍ୱର ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର । ଆଜି ଶ୍ରୀ ମହାପାତ୍ର ବିଜେପିର ନେତୃବୃନ୍ଦଙ୍କୁ ଧରି ବିଡିଓ ଦୀପ୍ତିରଂଜନ ସେଠୀ ଓ ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହି ଅଧିକାରୀ ଅଜୟ ମହାପାତ୍ରଙ୍କୁ ଭେଟି ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟରେ ଅନୀୟମିତତା ଓ ଦୁର୍ନିତି ହେଉଥିବା ସଂପର୍କରେ ସୂଚାଇ ଥିଲେ । ବିଶେଷ କରି ଆବାସ ଗୃହ ଓ ରେସନକାର୍ଡ ବଣ୍ଟନରେ ଦଳୀୟ ହସ୍ତକ୍ଷେପକୁ ପ୍ରସ୍ରାହନ ନ ଦେବାକୁ ସେ ଦାବୀ କରିଥିଲେ । ଏହି ଆଲୋଚନାରେ ସାଂସଦ ପ୍ରତିନିଧି ଶାନ୍ତନ ପଟ୍ଟନାୟକ, ସୁବ୍ରତ ଘୋଷ, ଫାଲଗୁନୀ ପାଣିଗ୍ରାହୀ, ଅନନ୍ତ ଦାସ, ପର୍ଶୁରାମ ପରିଡା, ଅଚ୍ୟୁତ ମହାନ୍ତି, ରବିନ୍ଦ୍ର ପାତ୍ର, ଦୁର୍ଗଶଂକର ଭୂୟାଁ, ବଳରାମ ବର୍ଷାଳ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଭିଡ ଟୀକାକରଣ ସଚେତନତା ଶୀର୍ଷକ ୱେବିନାର ଆୟୋଜିତ




ବାରିପଦା,୨୫।୦୨ (ନି.ପ୍ର): ରିଖ ଭାରତ ସରକାରଙ୍କ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାକୁନେଇ 'କୋଭିଡ ଟୀକାକରଣ ସଚେତନତା' ଶୀର୍ଷକ ଏକ ୱେବନାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଭାରତୀୟ ସୂଚନା ସେବା ର ବରିଷ୍ଠ ଅଧିକାରୀ ତଥା ପତ୍ର ସୂଚନା କାର୍ଯ୍ୟଳୟ ଓ ଆଞ୍ଚଳିକ ଲୋକସଂପର୍କ କାର୍ଯ୍ୟାଳୟ ଭୁବନେଶ୍ୱର ଶ୍ରୀ ଶୈଳେଶ କୁମାର ମାଲବୀୟ ଙ୍କ ଅଧକ୍ଷତା ଆୟୋଜିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାଃ ରୁଦ୍ରଭାନୁ ମିଶ୍ର, ଜିଲ୍ଲା ଚିକିତ୍ସାଧିକାରୀ ଡାଃ. ନିହାର ଦାସ, ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡାଃ ଜ୍ଞାନେନ୍ଦ୍ର ମହାନ୍ତି,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ, ଯୋଗଦେଇ କୋଭିଡ ଟୀକାକରଣ ର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ କୋଭିଡ-୧୯ ବିରୋଧୀ ନିର୍ଣ୍ଣାୟକ ଯୁଦ୍ଧରେ ବିଜୟର ଦ୍ୱାରଦେଶରେ ଛିଡାହେଇଛି । ସଙ୍କଟକୁ ସୁଯୋଗରେ ପରିଣତକରିବା ଲାଗି ଜାନୁଆରୀ ୨୦୨୧ ଇତିହାସ ପୃଷ୍ଠାରେ ସ୍ମରଣହୋଇ ରହିବ । ଏହାର ଅଂଶସ୍ୱରୁପ କେନ୍ଦୁଝରସ୍ଥିତ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୁପ ସଚେତନତା ମୂଳକ ୱେବନାର ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାଃ ରୁଦ୍ରଭାନୁ ମିଶ୍ର ଏତେ କମ ସମୟରେ ମଧରେ ଏକ ନିରାପଦ ଟୀକା ପ୍ରସ୍ତୁତ କରିବାର ସ୍ୱପ୍ନକୁ ବାସ୍ତବ ରୂପ ଦିଆଯାଇଛି ବୋଲି ମତାମତ ରଖିଥିଲେ । ଡାଃ. ନିହାର ଦାସ କୋଭିଡ ଟୀକାକରଣର ସଠିକ ଭିତ୍ତିଭୂମି ତଥା ସାଧାରଣ ଲୋକ ପାଖରେ ଟୀକା ପଠାଯିବା ବିଷୟରେ ତଥ୍ୟ ପ୍ରକାଶ କରିଥିଲେ । ଡାଃ ଜ୍ଞାନେନ୍ଦ୍ର ମହାନ୍ତି ମଧ ଆଗ ଧାଡିର ଯୋଦ୍ଧା ଙ୍କୁ ପ୍ରସଂଶା କରି ସଠିକ ଭାବରେ ମାସ୍କ ପିନ୍ଧିବା ,ସାମାଜିକ ଦୁରତା ରକ୍ଷା କରିବା ସହ ହାତ ଓ ମୁଁହକୁ ବାରମ୍ବାର ଧୋଇବା ଉପରେ ଗୁରୁତ୍ୱାରୋପ କରିବା ସହ କୋଭିଡ ଟୀକାକରଣ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଜବାବ ରଖିଥିଲେ ।

## ଟେକ୍ନୋଲୋଜି ବିଜ୍‌ନେସ୍ ଇନକୁବେଟର ବାଣିଜ୍ୟ ବୃଦ୍ଧିରେ ସହାୟକ ହେବ : କୁଳପତି

ବାଲେଶ୍ୱର,୨୫।୦୨ (ନି.ପ୍ର): ବିଜ୍ଞାନ ଓ ଯାନ୍ତ୍ରିକ ଜ୍ଞାନ କୌଶଳ ସହିତ ଆଂଚଳିକ ଜ୍ଞାନ ବଳରେ କେବଳ ରାଜ୍ୟର ବିକାଶ ଓ ଅଭିବୃଦ୍ଧି ନୁହେଁ ଆମ ସଂସ୍କୃତି ପାଇଁ ମଧ୍ୟ ଆତ୍ୟନ୍ତ ଜରୁରୀ । ବିଗତ ଦୁଇ ଦଶନ୍ଧିରେ ବିଶ୍ୱ ଅତି ଦ୍ରୁତ ଗତିରେ ଆଗଇଚାଲିଛି ତା ସହିତ ଯାନ୍ତ୍ରିକ ଜ୍ଞାନ କୌଶଳ ଲୋକମାନଙ୍କର ଜୀବନେଶୀଳୀକୁ ପରିବର୍ତ୍ତନ କରିଦେଇଛି । ସୂଚନା ଏବେ ସମସ୍ତଙ୍କ ହାତ ପାହାନ୍ତାରେ । ବିଦ୍ୟାର୍ଥୀମାନଙ୍କର ସମସ୍ତ ଇଚ୍ଛା, ଅଭିଳାଷ ସବୁ ପୂରଣ ହେବା ଅବଶ୍ୟକ । ସମସ୍ତଙ୍କର ରୋଜଗାର ଆବଶ୍ୟକ ମାତ୍ର ସରକାର ତାହା ପୂରଣ କରିବାରେ ଅସାମର୍ଥ୍ୟ ତେଣୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚାକିରି ସୃଷ୍ଟି କରିବା ପାଇଁ ପଦେକ୍ଷପ ନେବା ଜରୁରୀ । ଏଂଟରପ୍ରେନୁଅରସିପର ଉନ୍ନୟନ ସଂପ୍ରତିକ ସମୟରେ ନିହାତି ଆବଶ୍ୟକ ବୋଲି କିଟ-ଟିବିଆଇ




ଏବଂ ଷ୍ଟାର୍ଟ ଅପ ଓଡିଶା ସହବନ୍ଧନରେ ହେଉଥିବା 'ବ୍ରିଉଇଙ୍ଗ ଏଂଟରପ୍ରେନୁଅରସିପ' କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରେର ଫକୀରେମାହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରେଫସର ଦୀନବନ୍ଧୁ ସାହୁ ମତବ୍ୟକ୍ତ କରିଛନ୍ତି । ପ୍ରେଫସର ସାହୁ କହିଛନ୍ତି- ଆମର ପରିବର୍ତ୍ତନ କରିପାରୁଥିବା ବିଦ୍ୟାର୍ଥୀମାନଙ୍କର ଆବଶ୍ୟକତା ରହିଛି । ସେ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହ ପ୍ରଦାନ କରି କହିଛନ୍ତି ସମସ୍ତେ ରିସ୍କ ନେଇ ନୂତନ ପଥ ପ୍ରଦର୍ଶନ କରିବା ଉଚିତ । ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନଗୁଡିକ ଏଂଟରପ୍ରେନୁଅରସିପ ଉନ୍ନତି ପ୍ରଦର୍ଶନ କରିବାର ସଠିକ ସ୍ଥାନ । ଖୁବ ଶିଘ୍ର ଟେକ୍ନୋଲୋଜି ବିଜ୍‌ନେସ୍ ଇନକୁବେଟର (ଟିବିଆଇ) ଫକୀରେମାହନ ବିଶ୍ୱବିଦ୍ୟାଳୟ ପରିସରେର ପ୍ରତିଷ୍ଠା ହେବ, ସେଥିପାଇଁ ଷ୍ଟାର୍ଟ ଅପ ଓଡିଶା ଓ କିଟ୍ - ଟିବିଆଇର ସହଭାଗିତା ମାଧ୍ୟମରେ ଅଗ୍ରସର ହେବ ବୋଲି କୁଳପତି ମତବ୍ୟକ୍ତ କରିଛନ୍ତି । ଚାକିରି ସୃଷ୍ଟି ଓ ଚିରାଚରିତ ପ୍ରଥାରୁ ଓହରି ଚିନ୍ତା କରିବା ସାଂପ୍ରତିକ ସମୟେର ଜରୁରୀ ବୋଲି ମତ ଦେଇଛନ୍ତି କିଟ୍ - ଟିବିଆଇର ସିଇଓ ଡ. ମୃତ୍ୟୁଂଜୟ ସୁଅର । କିଟ୍ - ଟିବିଆଇ ନିଜର ବିଶାଳ ଅନୁଭୂତି ଓ ସଫଳତାକୁ ଆଧାର କରି ସାରା ରାଜ୍ୟେର ଏଂଟରପ୍ରେନୁଅରସିପକୁ ପ୍ରୋତ୍ସାହନ କରିବାରେ ସାହଯ୍ୟ କରିବ । ଷ୍ଟାର୍ଟ ଅପ ଓଡିଶାର ମିଷ୍ଟର ପ୍ରଶାନ୍ତ ବିଶ୍ୱାଳ ଗୁରୁତ୍ୱାରୋପ କରି କହିଛନ୍ତି ବହୁତଗୁଡିଏ ଷ୍ଟାର୍ଟ ଅପ କଂପାନୀ ଆମ ରାଜ୍ୟ ଦ୍ୱାରା ସାହାଯ୍ୟ ପାଇଛନ୍ତି ଏବଂ ଆମେ ଫକୀରେମାହନ ବିଶ୍ୱବିଦ୍ୟାଳୟକୁ ଷ୍ଟାର୍ଟ ଅପରେ ସହେଯାଗ କରିବୁ । ଡ. ମୃତ୍ୟୁଂଜୟ ସାହୁ, ଓଡିଶାର ଏକ ଷ୍ଟାର୍ଟ ଅପ କଂପାନୀର ସହ ପ୍ରତିଷ୍ଠାତା କହିଛନ୍ତି, ପ୍ରାରଂଭିକ ପର୍ଯ୍ୟାୟରେ ସେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ ହେଁ ସଂପ୍ରତି ଅନ୍ୟମାନଙ୍କୁ ରୋଜଗାର ପ୍ରଦାକ କରିପାରୁଛନ୍ତି । ଡ. ପଦ୍ମଲିତା ରାଉତରାୟ, ଇନ ଚାର୍ଜ ପ୍ଲେସମେଂଟ ସେଲ ଏହି ଅବସରେର କହିଛନ୍ତି ନାରୀ ଏଂଟରପ୍ରେନୁଅରସିପ ଅତ୍ୟନ୍ତ ଜରୁରୀ । ଶିକ୍ଷକ ଓ ବିଦ୍ୟାର୍ଥୀମାନେ ଏହାକୁ ଶ୍ରେଣୀଗୃହ ଶିକ୍ଷାଠାରୁ ବେଶୀ ଉପେଯାଗୀ ଓ ଆମୋଦକର ବୋଲି ମତ ଦେଇଛନ୍ତି । ଏହିପରି କାର୍ଯ୍ୟକ୍ରମ ଆହୁରି ହେବା ଜରୁରୀ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo